




ଜଟଣୀ ହରିରାଜପୁର ବଅଙ୍ଗସ୍ଥିତ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ଚୂଡ଼ାରେ ମହାଦୀପ।

# ଶିବଭକ୍ତି, ଶିବ ସ୍ତୁତିରେ ଭକ୍ତ ଏକାକାର

## ସକାଳୁ ଠାକୁର ଦର୍ଶନ, ରାତିରେ ଜାଗର ଜାଳିଲେ

*ମହାଶିବରାତ୍ରି ତଥା ଜାଗରଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଥିଲା ଗାଁରୁ ସହର। ଭକ୍ତିମୟ ହୋଇପଡିଥିଲା ଶୈବପୀଠ। ଭକ୍ତ ଓ ଭଗବାନଙ୍କ ହୋଇଥିଲା ଅପୂର୍ବ ମିଳନ। ଶିବ ଭକ୍ତି, ଶିବ ସ୍ତୁତିରେ ସମସ୍ତେ ହୋଇପଡିଥିଲେ ଏକାକାର। ସକାଳେ ଠାକୁର ଦର୍ଶନ କରିବା ସହ ରାତିରେ ଜାଗର ଜାଳିଥିଲେ ଭକ୍ତ। ଶ୍ରଦ୍ଧା, ଭକ୍ତିପୂତ ମନରେ ଶିବଙ୍କୁ ପୂଜିଥିଲେ। ମନରେ ଥିବା ସବୁ ଦୁଃଖ କଷ୍ଟକୁ ଅଜାଡ଼ିଦେଲେ ଭଗବନାଙ୍କ ପାଖରେ। ଏକାମ୍ର କ୍ଷେତ୍ରରେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀକ୍ଷେତ୍ରରେ ବାବା ଲୋକନାଥ, କଟକ ଆଠଗଡ଼ର ବାବା ଧବଳେଶ୍ୱର, ଖୋର୍ଦ୍ଧା ଅତ୍ରିର ହଟକେଶ୍ୱର ଓ ଗୁରୁଜଙ୍ଗର ଧବଳେଶ୍ୱରଙ୍କ ସମେତ ବିଭିନ୍ନ ଶିବ ମନ୍ଦିରରେ ଠାକୁରଙ୍କୁ ଦର୍ଶନ ପାଇଁ ଲାଗିଥିଲା ଧାଡ଼ି। ଭିଡ଼ ଭିତରେ, ଘଣ୍ଟା ଘଣ୍ଟାର ଅପେକ୍ଷା ପରେ ପ୍ରଭୁଙ୍କୁ ଦର୍ଶନ ସହ ମହାଦୀପ ଦର୍ଶନ ଭକ୍ତଙ୍କୁ ଅପାର ଆନନ୍ଦ ଦେଇଥିଲା।*

## ୩ ଘଣ୍ଟା ବିଳମ୍ବରେ ଉଠିଲା ମହାଦୀପ

**ପୁରୁଣା ଭୁବନେଶ୍ୱର, ୧୮।୨ (ଡି.ଏନ୍.ଏ.)**

ମହାଶିବରାତ୍ରି ଲାଗି ଶନିବାର ଏକାମ୍ରକ୍ଷେତ୍ର ଭକ୍ତିମୟ ହୋଇ ଉଠିଥିଲା। ଏଥିମଧ୍ୟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟର ୩ ଘଣ୍ଟା ୮ ମିନିଟ ବିଳମ୍ବରେ ଅର୍ଥାତ୍ ରାତି ୧ଟା ୮ରେ ମନ୍ଦିର ଉପରକୁ ମହାଦୀପ ଉଠିଥିଲା। ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପର ଠାରୁ ସାହାଣମେଲା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଓ ଭିଭିଆଇପି ଦକ୍ଷିଣଦ୍ୱାର ବାଟେ ମନ୍ଦିର ଭିତରକୁ ପ୍ରବେଶ କରି ଆଡ଼କାଠ ଠାରେ ଠାକୁରଙ୍କୁ ଦର୍ଶନ କରିଥିଲେ। ତେବେ ଅପରାହ୍ଣ ୧୨ଟା ୩୦ ମାଘସ୍ନାନ ନୀତି ପର୍ଯ୍ୟନ୍ତ ଠାକୁରଙ୍କ ସମସ୍ତ ନୀତିକାନ୍ତି ଠିକ୍ ଭାବେ ଚାଲିଥିଲା। ଏହା ପରଠାରୁ ଅନ୍ୟାନ୍ୟ ନୀତିରେ ବିଳମ୍ବ ହୋଇଥିଲା। ଏପରିକି ଅପରାହ୍ଣ ୨ଟା ୩୦ରେ ସକାଳ ଧୂପ ସାରିବାକୁ ପୂର୍ବରୁ ନୀତି ନର୍ଘଣ୍ଟ ହୋଇଥିବା ବେଳେ ଏହା ୧ଘଣ୍ଟା ୫୦ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ଣ ୪ଟା ୨୦ରେ ସକାଳ ଧୂପ ନୀତି ସରିଥିଲା। ଏହା ପରେ ଅନ୍ୟାନ୍ୟ ନୀତି ମଧ୍ୟ ବିଳମ୍ବ ହୋଇଥିଲା। ପ୍ରକାଶ ଯେ, ଜାଗର ଯାତ୍ରା ପୂର୍ବରୁ ପୂଜା ପଣ୍ଡା ନିଯୋଗ ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମନ୍ଦିର ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ମନ୍ଦିର ପ୍ରଶାସନ ଦୁଇ ନିଯୋଗ ପ୍ରମୁଖଙ୍କୁ ମନାଇବାରେ ବିଫଳ ହୋଇଥିଲା। ଯାହାକୁ ନେଇ ଉଭୟ ନିଯୋଗ ପ୍ରମୁଖ ଅସନ୍ତୋଷ ଥିଲେ। ମନ୍ଦିର ବେଢ଼ା ଓ ବାହାରେ ପୂର୍ବାହ୍ନରୁ ବିଳମ୍ବିତ ରାତି ଯାଏ ଚାଲିଥିଲା 'ଓଁ ନମଃ ଶିବାୟ' ମନ୍ତ୍ର ଉଚ୍ଚାରଣ। ସନ୍ଧ୍ୟାରେ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଦୀପ ଜାଳି ଶିବ ଆରାଧନାରେ ନିଜକୁ ହଜାଇ ଦେଇଥିଲେ। ରାତି ୧୧ଟା ୫୮ରେ ସେବାୟତମାନେ ଶ୍ରୀଲିଙ୍ଗରାଜଙ୍କୁ ସୁସଜ୍ଜିତ ପାଲିଙ୍କିରେ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହା ପରେ ମହାଦୀପ ଉଠିବା ନେଇ ଅନ୍ୟାନ୍ୟ ନୀତିକାନ୍ତି ହୋଇଥିଲା। ରାତି ୧ଟାରେ ମହାଦୀପ ଧରି ସମର୍ଥା ସେବାୟତମାନେ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ୧ଟା ୪ରେ ଯୋଗେନ୍ଦ୍ର ସମର୍ଥା ମହାଦୀପ ଧରି ମନ୍ଦି ଚୂଡ଼ାକୁ ଉଠିଥିଲେ। ସେଠାରେ କଳସ ପରିକ୍ରମା କରିଥିଲେ। ୧ଟା ୮ରେ ମହାଦୀପ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରହର ମହାଦେବ ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।

### ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା



## ମହାଦୀପ ଦେଖି ଶୁଭ ମନାସିଲେ ଶ୍ରଦ୍ଧାଳୁ

### ଧବଳେଶ୍ୱର ପୀଠ

**ଖୁଣ୍ଟୁଣୀ, ୧୮।୨ (ଡି.ଏନ.ଏ)**

କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଚେଶ୍ୱରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ମହାଶିବରାତ୍ରି ଧୁମ୍‌ଧାମରେ ପାଳିତ ହୋଇଛି। ଶନିବାର ରାତି ସାଢ଼େ ଗୋଟାଏ ପରେ ମହାଦୀପ ଉଠିଥିବା ଦେବୋତ୍ତର ପ୍ରଶାସନ ତଥା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ନୀତି ପାଳିଆ ସେବକ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସୂଚନାନୁସାରେ, ଭୋର ସାଢ଼େ ୪ଟାରୁ ସମସ୍ତ ନୀତିକାନ୍ତି ସହିତ ୧୦୮ ଗରା ସୁବାସିତ ଜଳରେ ପ୍ରଭୁଙ୍କ ସ୍ନାନ କରାଯାଇଥିଲା। ମଧ୍ୟାହ୍ନରେ ଶଙ୍କୁ ଭୋଗନୀତି ସନ୍ଧ୍ୟାରେ ଆଳତି ହୋଇ ଦହି ବାଟୁଳା ଭୋଗ ଲାଗିଥିଲା। ସନ୍ଧ୍ୟା ୭ଟାରୁ ଜାଗରର ସ୍ୱତନ୍ତ୍ର ଚାରି ପ୍ରହର ପୂଜା ଆରମ୍ଭ ହୋଇଥିଲା। ଏହି ପୂଜାରେ ଧବଳେଶ୍ୱରଙ୍କୁ କ୍ଷୀର, ଘିଅ, ମହୁ, ୧୦୮ପଇଡ଼ ଜଳ, ଲହୁଣି, ଆଖୁରସ ଓ ଗଙ୍ଗାଜଳରେ ଅଭିଷେକ କରାଯାଇଥିଲା। କନ୍ଦ, ମିଶ୍ରୀ, ରମ୍ଭାଫଳ ଆଦି ବିଭିନ୍ନ ଦ୍ରବ୍ୟର ମିଶ୍ରଣରେ ଘର୍ଷଣ କରାଯାଇ ଧବଳେଶ୍ୱରଙ୍କ ଅତି ପ୍ରିୟ କେତକୀ ଫୁଲ, ଗୟଶଃ, ଟଗର, ଦୁଦୁରା ଓ ପଳାସ ଫୁଲରେ ଠାକୁରଙ୍କ ବେଶ ଓ ଭୋଗ ଅର୍ପଣ କରାଯାଇ ଆଳତି ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଦଶୀ ଥିବାରୁ ଦ୍ୱିତୀୟ ପ୍ରହର ପୂଜାର ଶେଷ ଅର୍ଥାତ ୩ୟ ପ୍ରହର ପୂଜାର ଆରମ୍ଭ ସମୟ ମଧ୍ୟରାତ୍ରୀରେ ଅରୁଆ ଚାଉଳ ଚୁନା, ଗୁଡ଼, ଘିଅରେ ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଧବଳେଶ୍ୱରଙ୍କ ଅତି ପ୍ରିୟ ସ୍ୱତନ୍ତ୍ର ମାଣ୍ଡୁଅ ଭୋଗକୁ ଠାକୁରଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ବିମାନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖରଙ୍କୁ ବିଜେ କରାଇ ମହାଦୀପ ସହ ତିନି ଘେରା ବେଢା ପରିକ୍ରମା କରିବା ପରେ ମହାଦୀପ ମନ୍ଦିର ଶିଖରକୁ ଉଠିଥିଲା। ମହାଦୀପ ଦେଖିବାକୁ ଅପେକ୍ଷା କରିଥିବା ଶ୍ରଦ୍ଧାଳୁମାନେ ଶୁଭ ମନାସି ଥିଲେ। ଦେବୋତ୍ତର ବିଭାଗ ଓ ପୂଜକ ସମାଜ ସହଯୋଗରେ ପୂଜକ ସମିତି ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡାଙ୍କ ସହିତ ଅନ୍ୟ ସେବକ ଓ ଦେବୋତ୍ତର ସୁପର ଭାଇଜର ଭବାନୀ ଶଙ୍କର ପଣ୍ଡା ଜାଗର ନୀତି ସମ୍ପନ୍ନ କରିଥିଲେ। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡ଼ିଝଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସାହୁ, ଏଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁ ଓ ଆସିଷ୍ଟାଣ୍ଟ କଲେକ୍ଟର ଦୀପ୍ତିମୟୀ ବେହେରା ପ୍ରମୁଖ ଉପସ୍ଥିତ ରହି ବ୍ୟବସ୍ଥା ତଦାରଖ କରିଥିଲେ।



### ସିଂହନାଥ ପୀଠ

## କଡ଼ା ସୁରକ୍ଷାରେ ଜାଗର ଯାତ୍ରା

**ବଡ଼ମ୍ବା, ୧୮।୨ (ଡି.ଏନ.ଏ.)**

କଟକ ଜିଲା ବଡ଼ମ୍ବା ବ୍ଲକ ଗୋପୀନାଥପୁରସ୍ଥିତ ସିଂହନାଥ ପୀଠରେ ଜାଗର ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ରାତି ୧୧ଟା ୩୦ରେ ମହାଦୀପ ଉଠିଛି। ଜନଗହଳିକୁ ଦୃଷ୍ଟିରେ ରଖି ପୀଠରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବଡ଼ମ୍ବା, ବାଙ୍କି, ଆଠଗଡ଼ ତହସିଲଦାରଙ୍କ ସମେତ ଜିଲା ଅତିରିକ୍ତ ପୋଲିସ ଅଧୀକ୍ଷକ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଏଥିସହ ପ୍ରଶାସନ ପକ୍ଷରୁ ଶନିବାର ସକାଳ ୬ଟାରୁ ରବିବାର ସକାଳ ୭ଟା ପର୍ଯ୍ୟନ୍ତ ଗୋପୀନାଥପୁର-ବୈଦେଶ୍ୱର ମୁଖ୍ୟ ବ୍ରିଜ ଓ ପୀଠ ସଂଲଗ୍ନ ଟି-ସେତୁରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ବ୍ରିଜ୍‌ରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଗୋଟିଏ ରାସ୍ତାରେ ଯାଇ ଅନ୍ୟ ରାସ୍ତାରେ ଫେରିବା ଓ ଧାଡ଼ିରେ ଯାଇ ସିଂହନାଥଙ୍କ ଦର୍ଶନ କରିବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରକାଶ ଯେ, ଜାନୁୟାରୀ ୧୪ରେ ଏହି ପୀଠରେ ହୋଇଥିବା ମକର ମେଳାରେ ପ୍ରବଳ ଭିଡ଼ ଯୋଗୁ ଟି-ସେତୁରେ ଦଳାଚକଟା ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୦ ଜଣ ଆହତ ହୋଇଥିଲେ। ଏଭଳି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ତହସିଲଦାର ନୀଳକଣ୍ଠ ବେହେରା ପ୍ରକାଶ କରିଛନ୍ତି।



ସିଂହନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଛନ୍ତି।

## ରାତ୍ର ଶେଷ ପ୍ରହରରେ ମହାଦୀପ ଦର୍ଶନ



ଶ୍ରୀ ଲୋକନାଥଙ୍କ ପୀଠରେ ଠାକୁରଙ୍କ ପାଇଁ ଚୁଡ଼ାଘଷା ଭୋଗ ପ୍ରସ୍ତୁତ କରାଯାଉଛି।



ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଯାଉଛନ୍ତି।

### ଶ୍ରୀଲୋକନାଥ ପୀଠ

**ପୁରୀ ଅଫିସ, ୧୮।୨**

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ତଥା ପୁରୀ ସହରସ୍ଥ ଶ୍ରୀଲୋକନାଥ ମନ୍ଦିର ସମେତ ବାବା ଯମେଶ୍ୱର, ମାର୍କଣ୍ଡେୟଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର, ମଣିନାଗେଶ୍ୱର, ଆଖଣ୍ଡଳମଣି, ବାନାମ୍ବର, କାମେଶ୍ୱରଦେବ ଆଦି ବିଭିନ୍ନ ଶୈବପୀଠରେ ଶନିବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ମହାଦେବଙ୍କ ପୂଜାର୍ଚ୍ଚନା କରିବା ପାଇଁ ଭୋରରୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଶିବପଞ୍ଚାକ୍ଷର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା। ଦିନତମାମ୍ ପୀଠଗୁଡ଼ିକରେ ଗହଳି ଲାଗି ରହିଥିଲା। ସନ୍ଧ୍ୟାଠାରୁ ଅଧିକ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଦୀପ ଜାଳିଥିଲେ। ଅଧିକାଂଶ ମନ୍ଦିରରେ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା। ତେବେ ଶ୍ରୀଲୋକନାଥ ମନ୍ଦିରରେ ରାତିର ଶେଷ ପ୍ରହରରେ ମହାଦୀପ ଦର୍ଶନ ମିଳିଥିଲା।

ମହାଶିବରାତ୍ରି ପାଇଁ ପ୍ରଶାସନ ଏବଂ ଶ୍ରୀଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ରାତି ୧୨ଟା ୩୦ରେ ମନ୍ଦିର ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି, ଅବକାଶ ପୂଜା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ରାତି ପ୍ରାୟ ୨ଟାରେ ଦର୍ଶନ ବନ୍ଦ କରାଯାଇଥିଲା। ଗୋପାଳ ବଲ୍ଲଭ, ସକାଳ ଧୂପ ଓ ମଧ୍ୟାହ୍ନ ଧୂପ ସରିବା ପରେ ଶନିବାର ଭୋର ସାଢ଼େ ୪ଟାରୁ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ବ୍ୟାରିକେଡ୍ ଦେଇ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଯାଇ ଶ୍ରୀଲୋକନାଥଙ୍କୁ ଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦର୍ଶନ ଲାଗି ଟିକେଟ ବ୍ୟବସ୍ଥା କରାଯାଇଥିଲା। ୪ ହଜାର ଭକ୍ତଙ୍କ ପାଇଁ ଟିକେଟ ବ୍ୟବସ୍ଥା ହୋଇଥିଲା। ପ୍ରତି ଟିକେଟ୍‌ର ମୂଲ୍ୟ ୧୦୦ ଟଙ୍କା ରହିଥିଲା। ମହାଶିବରାତ୍ରିରେ ଶ୍ରୀଲୋକନାଥଙ୍କୁ ଦର୍ଶନ କଲେ ରୋଗ ବ୍ୟାଧିରୁ ମୁକ୍ତି ମିଳିବା ସହ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀମାନେ ଶ୍ରୀଲୋକନାଥଙ୍କ ନିକଟରେ ରୁପାଲାଗି କରିବା ସହିତ ଚୁଡ଼ାଘଷା ଭୋଗ କରିଥିଲେ। ସେହିପରି କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗିକରାଇଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ଦୀପଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ରାତିର ଶେଷ ପ୍ରହରରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ମହାଦେବଙ୍କ ପ୍ରସାଦ ପାଇ ଉପବାସ ଭାଙ୍ଗିଥିଲେ। ଜାଗର ପାଇଁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ଥିଲେ।

### ଶୈବପୀଠରେ ପ୍ରବଳ ଭିଡ଼

ବାରଙ୍ଗ,(ଡି.ଏନ୍.ଏ.): ମହାଶିବରାତ୍ରିରେ ତଳଗଡ଼ସ୍ଥିତ ସିଦ୍ଧେଶ୍ୱର ରତାଗଡ଼ ଜଟେଶ୍ୱର, ଗୋଡିସାହି ରାମେଶ୍ୱର, ବାଆଁରା ସୁବୁଦ୍ଧେଶ୍ୱର, ମଧୁବନ ଜନକେଶ୍ୱର, ନରଣପୁର ରାମେଶ୍ୱର, ମୁଣ୍ଡଳୀ ମୁକ୍ତେଶ୍ୱର, ବିଦ୍ୟାଧରପୁର ଆଖଣ୍ଡଳମଣି, ମୁଣ୍ଡମୁହାଣ ପଶ୍ଚିମେଶ୍ୱର, ପାଟପୁରର ଶିଲ୍ଲେଶ୍ୱର, ଷଣ୍ଢପୁରର ଧବଳେଶ୍ୱର ଆଦି ଶୈବପୀଠରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ଢାଙ୍କା ଗ୍ରାମରେ ଅବସ୍ଥାପିତ ପ୍ରଭୁ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ଥିଲା। ପରମ୍ପରା ଅନୁଯାୟୀ ଏଠି ତୋର ଦୋଷ ନା ମୋର ଦୋଷ ନାମକ ସାମାଜିକ ନାଟକ ଗଣ୍ଡରପୁର ଗ୍ରାମର ଶାସ୍ତ୍ରିଜୀ ଡ୍ରାମାଟିକ୍ କ୍ଲବ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ରାତି ସାଢେ ୪ଟାରେ ମହାଦୀପ ଉଠିଥିଲା।

## ସଂକ୍ଷେପରେ

### ନମ୍ବରବିହୀନ ଗାଡ଼ିରୁ ୪ ଯୁବକ, ଜଣେ ଯୁବତୀ ଉଦ୍ଧାର

ଭୁବନେଶ୍ୱର,୧୮।୨(ବ୍ୟୁରୋ): ରସୁଲଗଡ଼ ଛକରୁ କଟକ ରୋଡ ଅଭିମୁଖେ ଯାଉଥିବା ଏକ ନମ୍ବର ବିହୀନ କାର୍‌ରୁ ଜଣେ ଯୁବତୀଙ୍କ ସହ ୪ ଯୁବକଙ୍କୁ ମଞ୍ଚେଶ୍ୱର ପୋଲିସ ବମିଖାଲ ନିକଟରୁ ଉଦ୍ଧାର କରିଛି। ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଉକ୍ତ ଯୁବକମାନେ କାର୍‌ରେ ଯାଉଥିବା ସମୟରେ ତୋର କାଚ ଖୋଲି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଲକ୍ଷ୍ୟ କରି ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ। ବିଶେଷକରି ଜଣେ ରାଜନୈତିକ ନେତାଙ୍କ ନାମ ଧରି ଗାଳିଗୁଲଜ କରିଥିଲେ। ଏହା ଦେଖି କିଛି ଲୋକ ମଞ୍ଚେଶ୍ୱର ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ୩ଟି ପିସିଆର୍ ଭ୍ୟାନ ଉକ୍ତ ଗାଡ଼ିକୁ ପିଛା କରି ବମିଖାଲ ନିକଟରେ ଅଟକାଇବା ସହ ସେଥିରେ ବସିଥିବା ୪ ଯୁବକ ଏବଂ ଜଣେ ଯୁବତୀଙ୍କୁ କାବୁ କରିଥିଲେ। ଧରାପଡିଥିବା ୫ଜଣଙ୍କ ଯାକ ବିହାର ଅଞ୍ଚଳର ବୋଲି ଜଣାପଡ଼ିଥିଲେ ସୁଦ୍ଧା ପୋଲିସ ସେମାନଙ୍କ ପରିଚୟ ଦେଇ ନାହିଁ। ତେବେ ନମ୍ବର ବିହୀନ ଗାଡ଼ିକୁ ସେମାନେ କେଉଁଠି ଆଣିଲେ, ଜଣେ ଯୁବତୀଙ୍କୁ ନେଇ ୪ ଯୁବକ କେଉଁଆଡେ ଯାଉଥିଲେ ସେନେଇ ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ରବିବାର ଏନେଇ ବିସ୍ତୃତ ସୂଚନା ଦେବ ବୋଲସି ପୋଲିସ କହିଛି।

### ଗଞ୍ଜେଇ ଭର୍ତ୍ତି କାର ଜବତ, ମହିଳା ସମେତ ୩ ଗିରଫ

ଭୁବନେଶ୍ୱର,୧୮।୨(ବ୍ୟୁରୋ): କନ୍ଧମାଳରୁ କାର ଯୋଗେ ଭୁବନେଶ୍ୱରକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ବିକ୍ରି କରିବା ଲାଗି ହାଇଟେକ ଛକରେ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଚଢ଼ାଉ କରି ଜଣେ ମହିଳା ଓ ୨ ଯୁବକଙ୍କୁ କାବୁ କରିବା ସହ ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରିଛି। ଧରାପଡିଥିବା ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତୋଲ ଥାନା ଅଞ୍ଚଳର ସୁମିତ୍ରା ମହାନ୍ତି, କଟକ ଜିଲାର ପ୍ରଭାତ ରଞ୍ଜନ ପାତ୍ର ଓ କନ୍ଧମାଳର କୁନୁ ପ୍ରଧାନ। ସେମାନଙ୍କଠାରୁ ୭୦ କେଜିର ଗଞ୍ଜେଇ, ୪ମୋବାଇଲ ଫୋନ୍ ଓ ନଗଦ ୨୩୯୦ ଟଙ୍କା ଜବତ କରାଯାଇଛି। ପୋଲିସ ଏନେଇ ଏକ ମାମଲା (ନଂ ୬୮/୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ନାବାଳିକା ଅପହରଣ ମାମଲା: ବର୍ଷକ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୨(ବ୍ୟୁରୋ): ନାବାଳିକା ଅପହରଣ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଏୟାରପୋର୍ଟ ଥାନା ପୋଲିସ ଘଟଣାର ବର୍ଷକ ପରେ ଗଞ୍ଜାମ ଜିଲା ଭଞ୍ଜନଗରରୁ ଗିରଫ କରିଛି। ଅପହରଣକାରୀ ଯୁବକ ହେଲେ ଗଞ୍ଜାମରେ ରହୁଥିବା ପୁରୀ ଜିଲାର ବିଶ୍ୱନାଥ ବେହେରା। ତାଙ୍କଠାରୁ ଗୋଟିଏ ସ୍କୁଟି ଜବତ କରିଛି ପୋଲିସ। ସୂଚନାଯୋଗ୍ୟ ଯେ, ୨୦୨୧ ଅକ୍ଟୋବର ମାସରେ ନାବାଳିକା ଜଣକ କୌଣସି କାମରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ନ ପାଇବାରୁ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଜାଣିବାକୁ ପାଇଲା ଯେ, ଅଭିଯୁକ୍ତ ବିଶ୍ୱନାଥ ତାଙ୍କୁ ଅପହରଣ କରିବା ପରେ ଖୋର୍ଦ୍ଧାସ୍ଥିତ ଏକ ଭଡାଘରେ ରଖିଛନ୍ତି । ଏନେଇ ପୋଲିସ ଟିମ୍ ଭଡା ଘରେ ଚଢାଉ କରି ପୀଡ଼ିତାଙ୍କୁ ଉଦ୍ଧାର କରିଥିବାବେଳେ ଘଟଣା ସ୍ଥଳରୁ ବିଶ୍ୱନାଥ ଫେରାର ହୋଇଯାଇଥିଲେ।

### ଅପହରଣକାରୀ ଗିରଫ, ନାବାଳିକା ଉଦ୍ଧାର

ଭୁବନେଶ୍ୱର,୧୮।୨(ବ୍ୟୁରୋ): ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅପହରଣକାରୀ ଯୁବକଙ୍କୁ କଟକସ୍ଥିତ ଭଡାଘରୁ ଗିରଫ କରିଛି। ଏଥିସହ ସେଠାରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଯୁବକ ହେଲେ ଜଗତ୍‌ସିଂହପୁର ଜିଲାର ବିପ୍ଲବ ରଞ୍ଜନ ବସ୍ତିଆ। ଏନେଇ ପୋଲିସ ଏକ ମାମଲା (ନଂ.୫୬/୨୩) ରୁଜୁ କରି ଅଭିଯୁକ୍ତ ବିପ୍ଲବଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ବିପ୍ଲବ ଉକ୍ତ ନାବାଳିକାଙ୍କୁ ତାଙ୍କ ଘର ନିକଟରୁ ଅପହରଣ କରି ନେଇଯାଇଥିଲେ। ଏନେଇ ନାବାଳିକାଙ୍କ ମା’ ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।



ମହାଶିବରାତ୍ରିରେ ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖ ରାସ୍ତାରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।



ବ୍ରହ୍ମେଶ୍ୱର ମନ୍ଦିରରେ ଠାକୁର ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି।

# ଓଁ ନମଃ ଶିବାୟ...

ଭୁବନେଶ୍ୱର,(ବ୍ୟୁରୋ) /ପୁରୁଣା ଭୁବନେଶ୍ୱର,୧୮।୨(ଡି.ଏନ୍.ଏ.)

ମହାଶିବରାତ୍ରି ପାଇଁ ରାଜଧାନୀ ଭୁବନେଶ୍ୱରର ସବୁ ଶିବ ମନ୍ଦିରରେ ପୂଜାନୀତି ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଫୁଲ ଓ ରଙ୍ଗିନ ଆଲୋକମାଳାରେ ଝଲସୁଥିଲା ଶୈବପୀଠ। ଏଥିସହ ଦୀପର ଆଲୋକ, ଧୂପର ବାସ୍ନା ସହ ବିଭିନ୍ନ ଫୁଲ ଓ ବେଲପତ୍ରରେ ଶୋଭା ପାଉଥିଲା ମନ୍ଦିର। ଏପରି ଭକ୍ତିମୟ ପରିବେଶ ଭିତରେ ଶ୍ରଦ୍ଧାଳୁମାନେ ମନ୍ଦିର ଯାଇ ଭୋଳାବାବାଙ୍କୁ ଦର୍ଶନ କରିଥିଲେ। ସକାଳେ ଦର୍ଶନ ସାରିବା ପରେ ସନ୍ଧ୍ୟାରେ ମନ୍ଦିରରେ ବସି ଦୀପ ଜାଳି ମହାଦୀପ ଦର୍ଶନ କରିଥିଲେ। ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ରାଜଧାନୀ। ପୁରୁଣା ଭୁବନେଶ୍ୱରର ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର, ଭାସ୍କରେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମେଘେଶ୍ୱର ମନ୍ଦିର, ନୟାପଲ୍ଲୀ ବାଲୁଙ୍କେଶ୍ୱର, ପଟିଆ ଶିବ ମନ୍ଦିର, ଖଣ୍ଡଗିରି ଦକ୍ଷିଣେଶ୍ୱର, ରସୁଲଗଡ଼ର ଲୋକନାଥ ମନ୍ଦିର, ଦକ୍ଷିଣେଶ୍ୱର ମହାଦେବ ମନ୍ଦିର ସମେତ ସହରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଅଧିକ ରହିଥିଲା।





ଚିନ୍ତାମଣିଶ୍ୱର ମନ୍ଦିରରେ ଦୀଳ ଚଳୁଛି। ଭାଷ୍କରେଶ୍ୱର ମନ୍ଦିରକୁ ଫୁଲରେ ସଜାଯାଇଛି ଓ ଭକ୍ତମାନେ ଦର୍ଶନ ପାଇଁ ଯାଉଛନ୍ତି।

#### ଇସ୍କନ ପକ୍ଷରୁ ଶିବଙ୍କ ପ୍ରବଚନ ଶୁଣିଲେ ଭକ୍ତ

ଭାସ୍କରେଶ୍ୱର ମନ୍ଦିରରେ ଏଥର ଜାଗର ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ନିର୍ଦ୍ଧାରିତ ସମୟାନୁସାରେ ଠାକୁରଙ୍କ ନୀତି ଆରମ୍ଭ କରାଯାଇଥିଲା। ଶନିବାର ଭୋର୍ ୩ଟା ୩୦ରେ ମଙ୍ଗଳ ଆଳତି, ୭ଟାରେ କର୍ପୁର ଆଳତି ଓ ଅପରାହ୍ନ ୧ଟା ୩୦ରେ ରୁଦ୍ରାଭିଷେକ କରାଯାଇଥିଲା। ସନ୍ଧ୍ୟାରେ ଏଠାରେ ଇସ୍କନ ପକ୍ଷରୁ ପ୍ରଭୁ ଶିବଙ୍କ ରୀତିନୀତିକୁ ନେଇ ପ୍ରବଚନ ଭକ୍ତଙ୍କ ଭକ୍ତିକୁ ଆହୁରି ବଢ଼ାଇ ଦେଇଥିଲା। ରାତି ୧୦ଟା ୧୦ରେ ମହାଦୀପ ଉଠିବା ପରେ ସୋମନାଥଙ୍କ ଦର୍ଶନ ପାଇଥିଲେ ଶ୍ରଦ୍ଧାଳୁ। ଏଥର ୮୦୦୦ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ବୋଲି ଭାସ୍କରେଶ୍ୱର କମିଟି ସଭାପତି ସଞ୍ଜୟ ଚୌଧୁରୀ କହିଛନ୍ତି।

#### ମେଘେଶ୍ୱରରେ ରାତି ୧୦ଟାରେ ଉଠିଲା ମହାଦୀପ

ଟଙ୍କପାଣି ରୋଡ୍‌ସ୍ଥିତ ବାବା ମେଘେଶ୍ୱରଙ୍କ ଜାଗର ଉତ୍ସବ ବେଶ୍ ଜାକଜମକରେ ପାଳନ ହୋଇଛି। ଶନିବାର ଭୋର୍ ୩ଟା ୩୦ରେ ମଙ୍ଗଳ ଆଳତି ଓ ସାହାଣ ମେଳା, ସକାଳ ୮ରେ ସୂର୍ଯ୍ୟ ପୂଜା, ୯ଟାରେ ପ୍ରଥମ ପ୍ରହର ପୂଜା, ୧୧ରେ ଦ୍ୱିତୀୟ, ଅପରାହ୍ନ ୨ରେ ତୃତୀୟ ଓ ୫ଘଟିକା ସମୟରେ ଚତୁର୍ଥ ପ୍ରହର ପୂଜା କରାଯାଇଥିଲା। ୪ ପ୍ରହର ଅଭିଷେକ କରାଯାଇଥିଲା। ରାତି ୧୦ଟାରେ ମହାଦୀପ ଉଠିଥିଲା। ପ୍ରାୟ ୬ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଭକ୍ତଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ବୋଲି କମିଟି ସଦସ୍ୟ ସଂଗ୍ରାମ କେଶରୀ ନାୟକ କହିଛନ୍ତି।

#### ବାବା ବ୍ରହ୍ମେଶ୍ୱରଙ୍କୁ ଦର୍ଶନ କଲେ ମନ୍ତ୍ରୀ, ମେୟର

ବ୍ରହ୍ମେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଆଗୁଆ ବ୍ୟବସ୍ଥା ହୋଇଥିଲା। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀଙ୍କ ସହ କମିଟି ସଦସ୍ୟ ସଜାଗ ରହିଥିଲେ। ବୟସ୍କଙ୍କ ପାଇଁ ଅଲଗା ଧାଡ଼ି କରାଯାଇଥିଲା। ବାହାରେ ପାର୍କିଂ ପାଇଁ ମଧ ସୁବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ ପ୍ରମୁଖ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରତିବର୍ଷ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ହିଁ ଏଠାରେ ମହାଦୀପ ଉଠିଥାଏ। ହେଲେ ଏଥର ଆଗୁଆ ଅର୍ଥାତ୍ ୧୦ଟା ୨୩ରେ ମହାଦୀପ ଉଠିଥିଲା। ଭଜନ ସମାରୋହରେ ଲୋକପ୍ରିୟ କଣ୍ଠଶିଳ୍ପୀ ବସନ୍ତ ପାତ୍ର, ପଙ୍କଜ ଜାଲ୍, ମାନସି ପାଣିଗ୍ରାହୀ, ଅନସୂୟା ନାଥ ଓ ବର୍ଣ୍ଣାଳି ହୋତା ଶିବ ଭଜନ ଗାନ କରିଥିଲେ।

#### କପିଳେଶ୍ୱର ମନ୍ଦିରରେ ୧୦ରେ ଉଠିଲା ମହାଦୀପ

ପୁରୁଣା ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନ ମଣ୍ଡଳୀରେ ଥିବା କପିଳେଶ୍ୱର ମନ୍ଦିରରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବା ସହ ମହାଦୀପ ଦର୍ଶନ କରିଥିଲେ। ଶନିବାର ଭୋର୍ ୩ରୁ ଆରମ୍ଭ ହୋଇଥିଲା ପ୍ରଭୁ କପିଳେଶ୍ୱରଙ୍କ ନୀତି। ଆବଶ୍ୟକ ନୀତି ସହ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ କରାଯାଇଥିଲା। ଠାକୁରଙ୍କ ପାଖେ ଖେଚୁଡ଼ି, ଡାଲମା, ଏଣ୍ଡୁରୀପିଠା ଶଙ୍ଖୁଡ଼ି ପ୍ରସାଦ ଭାବେ ଲାଗିଥିଲା। ରାତି ୧୦ରେ ମହାଦୀପ ଉଠିଥିଲା। କପିଳାଚାର୍ଯ୍ୟ ପକ୍ଷରୁ ସାଂସ୍କୃତିକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

## ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି

### ଧାଡ଼ିରେ ଶ୍ରଦ୍ଧାଳୁ ଅଚେତ

ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ବାରିକେଡ୍ ଦେଇ ଧାଡ଼ିରେ ଥିବା ଅନେକ ଶ୍ରଦ୍ଧାଳୁ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିଲେ। ମଧ୍ୟାହ୍ନରେ ଗୁଳୁଗୁଳି ଓ ଖରା ଯୋଗୁ କେତେଜଣ ଶ୍ରଦ୍ଧାଳୁ ଅଚେତ ହୋଇପଡ଼ିଥିଲେ। ସେମାନେ ହେଲେ ରେବତୀ ମଣି, ସବିତା ମଲ୍ଲିକ, ବିନତି ଦେଈ ଓ ନିର୍ମଳା ବେହେରା। ଏମାନଙ୍କୁ ଚିକିତ୍ସା ପାଇଁ ପ୍ରଦୀପ ସେବାଟ୍ରଷ୍ଟ ପକ୍ଷରୁ ଆମ୍ବୁଲାନ୍ସରେ ନିଆଯାଇ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ନନ୍ଦିଙ୍କୁ ଖୋଜିଲେ ଶିବ ବେଶଧାରୀ ଶ୍ରଦ୍ଧାଳୁ




ଜାଗରଯାତ୍ରା ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହାରି ମଧ୍ୟରେ ମନ୍ଦିର ପରିସରରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ଶ୍ରଦ୍ଧାଳୁ ଶିବ ବେଶ ଧାରଣ କରି ଡମ୍ବରୁ ଓ ତ୍ରିଶୂଳ ହାତରେ ଧରି ନନ୍ଦିଙ୍କୁ ଖୋଜିଥିଲେ। ଏକ ପ୍ଲାକାର୍ଡରେ ‘ନନ୍ଦି କୁଆଡ଼େ ଗଲା’ ବୋଲି ଲେଖିଥିବା ଦେଖିବାକୁ ମିଳିଥିଲା। ସୂଚନାଥାଉ କି, ନନ୍ଦି ହେଉଛନ୍ତି ମହାଦେବଙ୍କ ବାହନ ତଥା ବଡ଼ ଉପାସକ।

### ପରିଚାଳନାରେ ତ୍ରୁଟି, ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ଜାଗରଯାତ୍ରା ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ତେବେ ମନ୍ଦିର ପ୍ରଶାସନର ପରିଚାଳନାରେ ତ୍ରୁଟି ଯୋଗୁ ଶୁକ୍ରବାର ରାତିରୁ ଧାଡ଼ିରେ ଛିଡ଼ା ଶ୍ରଦ୍ଧାଳୁଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଫଳରେ କେତେଜଣ ଶ୍ରଦ୍ଧାଳୁ ତଳେ ବସିପଡ଼ିଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମନ୍ଦିର ଭିତର ଆଡ଼କାଠ ନିକଟରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ପରିଚାଳନାରେ ଅବହେଳାରୁ ଏଭଳି ଘଟିଲା ବୋଲି କୁହାଯାଉଛି।

### ମନ୍ଦିର ଭିତରକୁ ନେଲେ ମୋବାଇଲ

ସୁରକ୍ଷା ଦୃଷ୍ଟିରୁ ଶ୍ରୀଲିଙ୍ଗରାଜ ମନ୍ଦିର ଭିତରକୁ କ୍ୟାମେରା ଓ ମୋବାଇଲ ଫୋନ୍ ନେବା ଉପରେ କଟକଣା କରାଯାଇଥିଲା। ଏନେଇ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ସୁରକ୍ଷା କର୍ମୀମାନେ ଯାଞ୍ଚ ନ କରିବାରୁ କେତେଜଣ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ମୋବାଇଲ ନେଇଥିଲେ। ମନ୍ଦିରର ବିଭିନ୍ନ ପାର୍ଶ୍ୱ ଦେବଦେବୀ, କୀର୍ତ୍ତିରାଜିର ଫଟୋ ଉତ୍ତୋଳନ କରିବା ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା।

# ମହାଶିବରାତ୍ରିରେ ଘୋଷ ଶୋଭାଯାତ୍ରା

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ଶନିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭୁବନେଶ୍ୱର ପକ୍ଷରୁ ଘୋଷ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫ଶହରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ଏକାମ୍ର କ୍ଷେତ୍ର ପରିକ୍ରମା କରି ମହାଦେବଙ୍କ ପ୍ରିୟ ଶିବରଞ୍ଜନୀ ରାଗ ବାଦନ ସହ ବୀରବ୍ରତ ଜାଗରଣରେ ଭକ୍ତିନୈବେଦ୍ୟ ଅର୍ପଣ କରିଛନ୍ତି। ଅଖିଳ ଭାରତୀୟ ଘୋଷ ଦିବସ ପରିପ୍ରେକ୍ଷୀରେ ସ୍ୱୟଂସେବକମାନେ ପ୍ରାତଃରେ ଭୀମଟାଙ୍ଗୀ ଶିଶୁ ମନ୍ଦିରରେ ଏକତ୍ରିତ ହୋଇ ପ୍ରାର୍ଥନା କରିବା ପରେ ପଥ ସଞ୍ଚଳନରେ ବାହାରି ନାରାୟଣୀ ମନ୍ଦିର, ପାଟଣା ସାହି ଦେବୀ ମଣ୍ଡପ, ବଢେଇବାଙ୍କ ଦେଇ ଲିଙ୍ଗରାଜ ମନ୍ଦିର ପ୍ରଦକ୍ଷିଣ କରିଥିଲେ। ପୂର୍ଣ୍ଣଗଣବେଶଧାରୀ ସ୍ୱୟଂସେବକମାନେ ଆନକ, ପଣବ, ଶଙ୍ଖ, ଝାଞ୍ଜ, ବଂଶୀରେ ଶିବରଞ୍ଜନୀ, ମୀରା, ତିଲଂ, ଉଦୟ, କିରଣ, ଶ୍ରୀରାମ ଓ ସ୍ୱନଭଦ୍ର ଭଳି ବୀରବାଦ୍ୟ ବଜାଇଥିଲେ। ବାଲ୍ ସ୍ୱୟଂସେବଙ୍କ ଦ୍ୱାରା ବଂଶୀବାଦନ ଆକର୍ଷଣ ସାଜିଥିଲା। ଶିବରଞ୍ଜନୀ ନାଦରେ ପ୍ରକମ୍ପିତ ହେଲା ଏକାମ୍ରକ୍ଷେତ୍ର ଓ ଆଖପାଖ ଅଞ୍ଚଳ। ଅତିଥି ଭାବେ ଆର୍‌ଏସ୍‌ଏସ୍‌ର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ପୂର୍ବପ୍ରାନ୍ତ ସହକାର୍ଯ୍ୟବାହ ସୁଦର୍ଶନ ଦାସ, ପୁରୀ ବିଭାଗ ଘୋଷ ପ୍ରମୁଖ ଗିରିଜା କୁମାର ମହାପାତ୍ର, ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି, ଭୁବନେଶ୍ୱର ମହାନଗର କାର୍ଯ୍ୟବାହ ପ୍ରସନ୍ନ ସେନାପତି, ପ୍ରଚାର ପ୍ରମୁଖ ସାଇପ୍ରସାଦ ଦାଶ ଓ ଶାରୀରିକ ଶିକ୍ଷଣ ପ୍ରମୁଖ କ୍ଷୀରୋଦ ବିହାରୀ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।



ସ୍ୱୟଂସେବକମାନେ ଘୋଷ ଶୋଭାଯାତ୍ରାରେ ଏକାମ୍ର କ୍ଷେତ୍ର ପରିକ୍ରମା କରୁଛନ୍ତି।



ମେଘେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରୁଛନ୍ତି।



ଲିଙ୍ଗରାଜ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଉଛି।

# ଭଜନ ଗାଇଲେ ରାଜ୍ୟପାଳ

### ୧୬ ଜଣଙ୍କୁ ‘ଏକାମ୍ର ଶ୍ରୀ’ ସମ୍ମାନ

ପୁରୁଣା ଭୁବନେଶ୍ୱର,୧୮।୨(ଡି.ଏନ୍.ଏ.)

ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ଏକାମ୍ର କ୍ଷେତ୍ର। ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ, ବିଜେଡି ନେତା ଅରୂପ ପଟ୍ଟନାୟକ, କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଗଣେଶୀ ଲାଲ୍ ‘ରାଧା ରାଣୀ ଦୟା କିଜିୟେ ମହାରାଣୀ କୃପା କିଜିୟେ ଆଞ୍ଚଲ ମେ ଛୁପା ଲିଜିୟେ....ସଙ୍ଗୀତ ଗାନ କରିଥିଲେ। ରାଜ୍ୟପାଳଙ୍କ ପୁଅ ମଧ ସଙ୍ଗୀତ ଗାନ କରିଥିଲେ। ପରେ ସୁନାମଧନ୍ୟା ଗାୟିକା ଅନୁରାଧା ପଡୱାଲା ‘ଓଁ ନମଃ ଶିବାୟ’ରୁ ଭଜନ ଆରମ୍ଭ କରିଥିଲେ। ବାବୁଲ ସୁପ୍ରିୟୋ ଓଡ଼ିଆରେ ସେତ ରସିକ ନାଗର ବୋଲି...ଏବଂ ତୁ ଆଲ୍ଲା..ତୁ ମୀରା ସଙ୍ଗୀତ ଗାନ କରିଥିଲେ। ବେଲା ସୁଲାଖେ ସଙ୍ଗୀତ ପରିବେଷଣ କରିଥିଲେ। ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ୩୦ରୁ ଊର୍ଦ୍ଧ୍ୱ ଓଡ଼ିଆ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ପ୍ରକାଶନୀ ପକ୍ଷରୁ ‘ଶ୍ରୀଲିଙ୍ଗରାଜ ପଞ୍ଜିକା’ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିସହ ୧୬ ଜଣଙ୍କୁ ‘ଏକାମ୍ର ଶ୍ରୀ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବନ ମହାପାତ୍ର, କପିଳ ପଣ୍ଡା, ବିଶ୍ୱନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ରତିକାନ୍ତ ମହାସୁଆର, ଗଣେଶ ପାଲ୍, ସତ୍ୟରଞ୍ଜନ ସାହୁ ସହଯୋଗ କରିଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।





ଅନୁରାଧା ପଡ୍‌ୱାଲ ଓ ବାବୁଲ ସୁପ୍ରିୟୋ ଭଜନ ପରିବେଷଣ କରୁଛନ୍ତି।

# ଉପବାସ ରହି ଜାଗର ଜାଳିଲେ

## ସଂକ୍ଷେପରେ

### ମୋବାଇଲ ଚୋରି କରି ଯୁବକ ଗିରଫ

**ଝାଁଲା,୧୮।୨(ଡି.ଏନ୍.ଏ.):** ଦୋକାନରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଶିନବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଦୋଳମଣ୍ଡପ ସାହି ସର୍ବଦୟନଗରର ରିତିକ କୁମାର ଓରଫ ତପୁ ସାହୁ (୧୯)। ସୂଚନା ମୁତାବକ, ଇନ୍‌ଫୋଭ୍ୟାଲି ଥାନା ଅଧୀନ ବଡରଘୁନାଥପୁର ଅଞ୍ଚଳରେ ଥିବା ଶିବ ମନ୍ଦିର ସମ୍ମୁଖରେ ଅବିନାଶ ଜେନାଙ୍କ ମୋବାଇଲ ଦୋକାନ ରହିଛି। ଶୁକ୍ରବାର ସନ୍ଧ୍ୟାରେ ଅବିନାଶ ନିଜ ମୋବାଇଲକୁ ଟେବୁଲ ଉପରେ ରଖି ପୂଜା କରୁଥିବା ବେଳେ ତପୁ ମୋବାଇଲକୁ ସେଠାରୁ ନେଇଯାଇଥିଲେ। ଏନେଇ ଅବିନାଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଳକ୍ଷେତା ଛକରେ ଚଢ଼ାଉ କରି ତପୁଙ୍କୁ ଗିରଫ କରିବା ସହ ଏକ ମୋବାଇଲ ଜବତ କରିଥିଲା। ପଚରାଉଚରା ବେଳେ ତପୁ ମୋବାଇଲର କାଗଜପତ୍ର ଦେଖାଇ ପାରିନଥିବା ବେଳେ ତାହା ଅବିନାଶଙ୍କ ମୋବାଇଲ ବୋଲି ସ୍ୱୀକାର କରିଥିଲା।

### ମାଲୁଦରେ ଶିବ ଜୟନ୍ତୀ

**କୃଷ୍ଣପ୍ରସାଦ,୧୮।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୭ତମ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସେବା କେନ୍ଦ୍ର ପରିସରରେ ଥିବା ଶିବ ଝଣ୍ଡା ଉତ୍ତୋଳନ କରିଥିଲେ। ମୁଖ୍ୟ ବକ୍ତା ମାଲୁଦ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ଜେନା, ଅତିଥିଭାବେ ଲକ୍ଷ୍ମୀଧର ସାହୁ, ଗାନ୍ଧୀ ଚରଣ ମହାରଣା ପ୍ରମୁଖ ଯୋଗଦେଇଥିଲେ। ରାଜଯୋଗିନୀ ବ୍ର.କୁ ବାସନ୍ତୀ ଶିବ ଜୟନ୍ତୀ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ର.କୁ ପଦ୍ମଚରଣ ମଞ୍ଚ ପରିଚାଳନା, ବ୍ର.କୁ ଦିନେଶ ଓ ବ୍ର.କୁ ଶାନ୍ତି ସହଯୋଗ କରିଥିଲେ।

### ଏବିଭିପିର ସେବା କାର୍ଯ୍ୟ

**ଖୋର୍ଦ୍ଧା ଅଫିସ,୧୮।୨ :** ମହାଶିବରାତ୍ରି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଖୋର୍ଦ୍ଧା ନଗର ପକ୍ଷରୁ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱରଙ୍କ ପୀଠ ପରିସରରେ ସେବା କାର୍ଯ୍ୟ ଆୟୋଜିତ ହୋଇଯାଇଛି। ପରିଷଦର କର୍ମକର୍ତ୍ତାମାନେ ଭକ୍ତଙ୍କୁ ଲେମ୍ବୁ ସରବତ, ଦହିପଣା, ପାନୀୟଜଳ ବଣ୍ଟନ କରିଥିଲେ। ଏଥିରେ ପରିଷଦର ରାଜ୍ୟ ସମ୍ପାଦକ ଅରିଜିତ୍ ପଟ୍ଟନାୟକ, ସହ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ, ଶୋଭନ ରାଉତରାୟ, ଅନ୍ନପୂର୍ଣ୍ଣା ସ୍ୱାଇଁ, ନଗର ସମ୍ପାଦିକା ସରଗମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଜ୍ଞାନଚର୍ଚ୍ଚା

**ବେଗୁନିଆ,୧୮।୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ରାଧାକାନ୍ତ ଦେବ ମଠ ପରିସରରେ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଥାବସ୍ତୁ ଯଥା ଜନ୍ମୋତ୍ସବ, ବାଲ୍ୟଲୀଳା, ତାଡ଼କା ବଧ ଓ ମିଥିଳା ଯାତ୍ରା ଆଦି ଜ୍ଞାନଚର୍ଚ୍ଚା କରାଯାଇଛି। ଆସନ୍ତା ୨୫ ତାରିଖରେ ରାମାଭିଷେକ, ଭକ୍ତିଜ୍ଞାନ ବର୍ଣ୍ଣନା, ପୂର୍ଣ୍ଣାହୁତି ପରେ କାର୍ଯ୍ୟକ୍ରମ ଶେଷ ହେବ। ପଣ୍ଡିତ ପ୍ରଦୀପ୍ତ ବାହିନୀପତି, ବନମାଳୀ ପଣ୍ଡା ଓ ଜଗନ୍ନାଥ ପଣ୍ଡା, ସହଯୋଗୀ ବ୍ରଜବନ୍ଧୁ ବେହେରା, କର୍ମାଚାର୍ଯ୍ୟ ଭକ୍ତବନ୍ଧୁ ତ୍ରିପାଠୀ ଓ ପ୍ରଫୁଲ୍ଲ ମିଶ୍ର ପ୍ରବଚନ ପାଠ କରିଥିଲେ। କର୍ତ୍ତା ଭାବେ ରାମଚନ୍ଦ୍ର ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ସରୋଜ ବେହେରା, ପ୍ରସନ୍ନ ମହାପାତ୍ର, ବିଶ୍ୱଜିତ ପଟ୍ଟନାୟକ, କାଳନ୍ଦୀ ନାୟକ, ପ୍ରଫୁଲ୍ଲ ସୁବୁଦ୍ଧି ସହଯୋଗ କରିଥିଲେ।

---

**ଖୋର୍ଦ୍ଧା ଅଫିସ/ବେଗୁନିଆ/ବାଲୁଗାଁ/ଜଟଣୀ/ନିରାକାରପୁର/ଟାଙ୍ଗୀ, ୧୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ତଥା ଜାଗରଯାତ୍ରା ପାଳିତ ହୋଇଯାଇଛି। ସବୁଠି ରହିଥିଲା ଆଧାତ୍ମିକ ପରିବେଶ। ଶିବମୟ ହୋଇଉଠିଥିଲା ଅଞ୍ଚଳ। ଏକାକାର ହୋଇଯାଇଥିଲେ ଭକ୍ତ ଆଉ ଭଗବାନ। ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ ସହ ଜାଗର ଦୀପ ଜାଳିଥିଲେ ଭକ୍ତ। ଏହି ଅବସରରେ ଏକାଧିକ ଶୈବପୀଠରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାଶିବରାତ୍ରି ଅବସରରେ ସବୁଠି ଉତ୍ସାହ, ଆନନ୍ଦ ଉଲ୍ଲାସର ପରିବେଶ ରହିଥିଲା।

ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ଏବଂ ଅଟ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ପୀଠରେ ହରିହର ଭେଟ ପରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ମହାଦୀପ ଉଠିବା ପରେ ଶ୍ରୀଧବଳେଶ୍ୱର ହରିହର ବେଶରେ ଦର୍ଶନ ଦେଇଥିଲେ। ଭକ୍ତମାନେ ଅର୍ପଣ କରିଥିବା ନୂତନ ବସ୍ତ୍ର ମହାଦେବ ପରିଧାନ କରନ୍ତି। ମହାଦୀପ ଉଠିବା ସମୟରେ ଧବଳେଶ୍ୱର ପୀଠ ଭକ୍ତଙ୍କ ହୁଳହୁଳି ଏବଂ ଜୟ ଜୟକାର ଧ୍ୱନିରେ କମ୍ପି ଉଠିଥିଲା। ସେହିପରି ଅଟ୍ରି ହଟ୍ଟକେଶ୍ୱରଙ୍କ ପୀଠରେ ମହାଦୀପ ଦର୍ଶନ ଲାଗି ମନ୍ଦିର ଚାରିପାଖରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଗୋଡ଼ାସ୍ଥିତ ପ୍ରସିଦ୍ଧ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାଦୀପ ଦର୍ଶନ ଲାଗି ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ତିନି ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଏଥିସହିତ ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ନବୀନାବାଗ୍‌ର ସ୍ୱପ୍ନେଶ୍ୱର, ସାମନ୍ତରାପୁର ସିଦ୍ଧେଶ୍ୱର, ଭାଲିଆବାଡ଼ିର ଲୋକେଶ୍ୱର ଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ନୟାଗଡ଼ ରୋଡ୍‌ର ଶ୍ରୀଚନ୍ଦ୍ରଶେଖର, ଗଡ଼ଖୋର୍ଦ୍ଧାସ୍ଥିତ ମହାଦେବ, ନିଜିଗଡ଼ ଟାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଡାର ଶାଳେଶ୍ୱର ସମେତ ଟାଙ୍ଗୀର ଶ୍ରୀଚଣ୍ଡେଶ୍ୱର, ସିକୋସ୍ଥିତ ଚନ୍ଦ୍ରଶେଖର ଦେବ, କୁଶପଲ୍ଲାସ୍ଥିତ ଲୋକେଶ୍ୱର, ପଶ୍ଚିମାଶମ୍ଭୁ(ପ୍ରତାପେଶ୍ୱର) ବୋଲଗଡ଼ର ପ୍ରସିଦ୍ଧ ଶୈବପୀଠ ତାରକେଶ୍ୱରଙ୍କ ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡିରେ ଆସି ମନ୍ଦିର ଭିତର ବେଢାରେ ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରି ଫେରିଥିଲେ। ମନ୍ଦିର ବେଢାରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥିଲେ। ଦୀପ ଜାଳି ମହାଦେବଙ୍କ ସ୍ମରଣ କଲେ, ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିବା ସହ ଜଳ ଓ କେତକୀ ଫୁଲ ଲାଗି କରିଥିଲେ। ସନ୍ଧ୍ୟା ପରେ ଉପାସନାକାରୀମାନେ ମନ୍ଦିର ବେଢ଼ାରେ ଜାଗରଦୀପ ଜାଳିଥିଲେ। ପୂର୍ବ ସମୟ ନିର୍ଘଣ୍ଟ ଅନୁଯାୟୀ ରାତି ୯ଟାରେ ଠାକୁରଙ୍କ ବେଢ଼ା ଅନୁଷ୍ଠିତ ହୋଇଥିଲା। ରାତିତମାମ ମନ୍ଦିର ପାର୍ଶ୍ୱ ପ୍ରାଙ୍ଗଣରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ କରାଯାଇଥିଲା। ମନ୍ଦିରର ନୂତନ ଟ୍ରଷ୍ଟି ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ତତ୍ତ୍ୱାବଧାନରେ କୁଲାକୁଣ୍ଡେଇ ନୂଆଗାଁ, ପାଟଣାସାହି, ଗୁଣ୍ଡୁରପୁର ଆଦି ଗ୍ରାମର ବହୁ ଶ୍ରଦ୍ଧାଳୁ ଜାଗର ଯାତ୍ରାକୁ ସୁଚାରୁଭାବେ ପରିଚାଳନା କରିଥିଲେ। ସେହିପରି ରାମେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ଜଗତେଶ୍ୱରଦେବ, ଗାଦିଶ୍ୱରଦେବ, ବାଲୁଙ୍କେଶ୍ୱର ଦେବ, ଜଳେଶ୍ୱର ଦେବ, ସିଙ୍ଗିନାଥ ଦେବ, କଳିଯୁଗେଶ୍ୱର ଦେବ, ଧବଳେଶ୍ୱର ଦେବ, ଗୁପ୍ତେଶ୍ୱରଦେବ, ଭେଟିନାଥ ଦେବ, ବୁଢ଼ାକପିଳେଶ୍ୱର ଦେବଙ୍କ ପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି । ତେବେ ଚଳିତବର୍ଷ ପ୍ରଥମ କରି ମା'କାଳିଜାଈଙ୍କ ପୀଠସ୍ଥିତ ଯୋଗେଶ୍ୱର ଦେବଙ୍କ ମନ୍ଦିରରେ ଜାଗର ଯାତ୍ରା ପାଳିତ ହେଉଥିବା ବେଳେ ସେଠାରେ ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ସପ୍ତଚଣ୍ଡୀ ଓ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି, ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁମାନେ ବେଢ଼ା ଚାରିପଟେ ଜାଗର ଦୀପ ଜାଳିଥିଲେ। ଏଥିସହିତ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଶୈବପୀଠଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଚଣ୍ଡେଶ୍ୱରସ୍ଥିତ ଚଣ୍ଡି ହରଦେବ, ଟାଙ୍ଗୀ ଲୋକନାଥ ଦେବ, ବାଲୁଙ୍କେଶ୍ୱର ଦେବ, ବିଲ୍ୱ ବାଲୁଙ୍କେଶ୍ୱର, ଈଶାନେଶ୍ୱର ପୀଠରେ ନୀତନିର୍ଘଣ୍ଟ ଅନଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଜଟଣୀ ରାମଚନ୍ଦ୍ରପୁର ସ୍ଥିତ ବାବା ଆଖଣ୍ଡଳମଣୀ ମନ୍ଦିର, ହାଟବଜାର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ବିଶ୍ୱନାଥ କଲୋନୀସ୍ଥିତ ବିଶ୍ୱନାଥ ଦେବ ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ଅଟ୍ରିସ୍ଥିତ ହଟ୍ଟକେଶ୍ୱର ମହାଦେବ।



**ଜଟଣୀ:** ରାମଚନ୍ଦ୍ରପୁର ବଜାରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଜାଗରଦୀପ ଜାଳୁଛନ୍ତି।



ଖୋର୍ଦ୍ଧାର ଏକ ଶୈବପୀଠରେ ଠାକୁରଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଧାଡ଼ିରେ ଠିଆ ହୋଇଛନ୍ତି।

### ଦକ୍ଷିଣାମୁଖା ବେଢ଼ା ପରିକ୍ରମା କଲେ ତାରକେଶ୍ୱର

ବୋଙ୍କଇ ସ୍ଥିତ ତାରକେଶ୍ୱରଙ୍କ ପୀଠ ମହାଶିବରାତ୍ରି ଲାଗି ଚଳଚଞ୍ଚଳ ହୋଇ ଉଠିଥିଲା। ଭୋର ୩ଟାରେ ଦ୍ୱାରଫିଟା ପରେ ସମସ୍ତ ଦେବ ନୀତି ସମ୍ପନ୍ନ ହୋଇଥିଲା। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ୧୦ଟାରେ ଠାକୁରଙ୍କ ସକାଳ ଧୂପ ବଢ଼ିଥିଲା। ୬ଟାରେ ସନ୍ଧ୍ୟା ଆଳତି ହୋଇଥିଲା। ରାତି ସାଢେ ୧୦ଟାରେ ମହାଦେବଙ୍କ ମାଘସ୍ନାନ ନୀତି ହୋଇଥିଲା। ରାତି ୧୧ଟା ଠାକୁରଙ୍କ ବେଢା ପରିକ୍ରମା କାର୍ଯ୍ୟ ହୋଇଥିଲା। ତାରକେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଦକ୍ଷିଣାମୁଖା ହୋଇ ଦକ୍ଷିଣ ଦ୍ୱାରରୁ ବେଢା ପରିକ୍ରମା କରି ଭୋଗମଣ୍ଡପରେ ବିଜେ କରିଥିଲେ। ଭୋଗଲାଗି ପରେ ମହାଦୀପ ଉଠିଥିଲା।

---

## ବିଦ୍ୟାଳୟର ୨୩ତମ ସାମ୍ବତ୍ସରିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବୋଲଗଡ଼,୧୮।୨(ଡି.ଏନ୍.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ୨୩ତମ ସାମ୍ବତ୍ସରିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଓ ଆରଏସଏସ ର ସହ ବିଭାଗ କାର୍ଯ୍ୟବାହ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସଭ୍ୟ ସୁବାସ ରାୟଗୁରୁ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାମଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶୃଙ୍ଖଳିତ ଆଚାରବ୍ୟବହାର ଦ୍ୱାରା ବିଦ୍ୟାର୍ଥୀମାନେ ନିଜ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବେ ବୋଲି ବିଧାୟକ କହିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅବିନାଶ ସୁବୁଦ୍ଧିଙ୍କ ପରିଚାଳନାରେ ବିଦ୍ୟାର୍ଥୀମାନେ ଦେଶ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁମା ଲକ୍ଷ୍ମୀପ୍ରିୟା ଦେଇ, ଦମୟନ୍ତୀ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ମମତା ପରିଡା, ରଶ୍ମିତା ବେହେରା, ଗୁରୁଜୀ ଜିତେନ୍ଦ୍ର ସାହୁ, ଦେବପ୍ରସାଦ ସାହୁ, କୈଳାସ ଚନ୍ଦ୍ର ସୁବୁଦ୍ଧି, ପଦ୍ମଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ସଦସ୍ୟା ଗୀତାଞ୍ଜଳି ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

## ଦୀପ ନିଆଁ ଲାଗି ୨ ମହିଳା ଗୁରୁତର

**ନିମାପଡ଼ା,୧୮।୨(ଡି.ଏନ୍.ଏ.)**

ପୁରୀ ଜିଲା ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱରର ଅମରେଶ୍ୱର ମହାଦେବଙ୍କ ପୀଠରେ ଜାଗର ଜାଳୁଥିବାବେଳେ ଏକ ଅଘଟଣ ଘଟିଛି। ଅସାବଧାନତା ବଶତଃ ଜୀପ ନିଆଁ ଲାଗି ୨ ଜଣ ମହିଳା ଗୁରୁତର ଆହାତ ହୋଇଛନ୍ତି। ସେମାନେ ହେଲେ ଚାରିଛକ ଥାନା ଅନ୍ତର୍ଗତ ଜଳଛତ୍ର ଗ୍ରାମର କଲ୍ୟାଣି ନାୟକ(୪୦) ଓ ନିଆଳି ଥାନା ଅନ୍ତର୍ଗତ ବନଶିପୁର ଗ୍ରାମର ରୀନା ଭୋଇ(୩୫)। ଆହତ ମହିଳା ଦ୍ୱୟଙ୍କୁ ଚାରିଛକ ଥାନା ପୋଲିସ ଗାଡ଼ିରେ ପୋଲସ କର୍ମଚାରୀମାନେ ଆଣି ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରୀନାଙ୍କ ଶରୀରର ୮୦ ଭାଗ ପୋଡ଼ି ଯାଇଥିବାରୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ୧୯ ଜଣଙ୍କୁ ଆଖଣ୍ଡଳମଣି ସମ୍ମାନ

**ଜଟଣୀ,୧୮।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ବାବା ଆଖଣ୍ଡଳମଣି ଦେବ ପରିଚାଳନା କମିଟି ପକ୍ଷରୁ ଜାଗରଯାତ୍ରା ଓ ୩୬ତମ ବାବା ଆଖଣ୍ଡଳମଣି ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିସରରେ ଆୟୋଜକ କମିଟିର ସଭାପତି ଆଇନଜୀବୀ ବୀରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀମନ୍ଦିର ଗରାବଡୁ ସେବକ ରବିନାରାୟଣ ମହାପାତ୍ର, ପୂର୍ବତନ ଭୁବନେଶ୍ୱର ବ୍ଲକ ସଭାପତି ଦୁଃଶାସନ ସ୍ୱାଇଁ, ଶିଳ୍ପପତି ସଜ୍ଜନ ଅଗ୍ରୱାଲ, ସୁବାସ ଚନ୍ଦ୍ର ଗୁପ୍ତା, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଖଣ୍ଡଳମଣି ଦେବ ପରିଚାଳନା କମିଟି ପକ୍ଷରୁ ଏକ ସୁଉଚ୍ଚ ପଥରନିର୍ମିତ ନୂତନ ପ୍ରବେଶ ଦ୍ୱାର ତୋରଣ ଉଦ୍‌ଘାଟନ ସହିତ ସାଇବାବାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ସନ୍ତୋଷ ଜେନା, ଜଟଣୀ ନାଗରିକ କମିଟି ସଭାପତି କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ, ଖବରଦାତା ଶ୍ରୀକାନ୍ତ ପ୍ରଧାନ, ରବୀନ୍ଦ୍ରନାଥ ମହାକୁଡ଼, ପ୍ରଦୀପ୍ତ ପଟ୍ଟନାୟକ, ଜଟଣୀ ନଗରପାଳ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟଙ୍କ ସମେତ ମୋଟ୍ ୧୯ ଜଣଙ୍କୁ ବାବା ଆଖଣ୍ଡଳମଣି ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ଶଶାଙ୍କ ଶେଖର ରଥ, ଆଇନଜୀବୀ ଅମରେଶ ରାଉତରାୟ, କଳିଙ୍ଗ କୁମାର ସାହୁ, ରବୀନ୍ଦ୍ର ବେହେରା, ରାମଚନ୍ଦ୍ର ମାର୍ଥା, ରୂପେଶ ଦାଶ, ମହେଶ ଦାଶ, ମନୋଜ ଆଚାର୍ଯ୍ୟ, ସୁରେଶ ଅଗ୍ରୱାଲ, ଗୋପୀକିଶନ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିମାନେ।

## 'ଭକ୍ତି ହେଉଛି ଶ୍ରେଷ୍ଠ ମାର୍ଗ'

**ଖୋର୍ଦ୍ଧା ଅଫିସ,୧୮।୨**

ଖୋର୍ଦ୍ଧା ଗୋଡିପୋଖରୀ ସ୍ଥିତ ବ୍ରହ୍ମକୁମାରୀ ସେବା କେନ୍ଦ୍ର ଆନୁକୂଲ୍ୟରେ ଏକ ଆଧାତ୍ମିକ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ଗ୍ରାମର ବ୍ରହ୍ମକୁମାରୀ ପାଠଶାଳାରୁ ଶତାଧିକ ଭଉଣୀଭାଇ ଯୋଗଦେଇଥିଲେ। ବାବାଙ୍କ ପତାକା ତଳେ ଏକତ୍ର ହୋଇ ଲୋଭ, ମାୟା, କାମ, କ୍ରୋଧ, ଅହଙ୍କାରଠାରୁ ଦୂରରେ ରହିବା ପାଇଁ ସଙ୍କଳ୍ପ ନେଇଥିଲେ। ଯୋଗାଗୁରୁ ସୀତାକାନ୍ତ ପଣ୍ଡା ଅତିଥିଭାବେ ଯୋଗଦେଇ ମହାଶିବରାତ୍ରିର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି ଭକ୍ତି ଦ୍ୱାରା ଈଶ୍ୱରଙ୍କୁ ପ୍ରାପ୍ତ କରିହେବ। ଭକ୍ତି ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ଏହି ଅବସରରେ ସେବାକେନ୍ଦ୍ର ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ବାହାରି ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରି ଫେରିଥିଲା।



ସେବା କେନ୍ଦ୍ର ପକ୍ଷରୁ ବାହାରିଥିବା ଶାନ୍ତି ଶୋଭାଯାତ୍ରା।

## ସ୍ମାର୍ଟ ପାର୍କ, ଶ୍ମଶାନ କାମ ସରୁନି

- ୩ ବର୍ଷ ବିତିଲାଣି, ସାଧାରଣରେ ଅସନ୍ତୋଷ
- ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ: ଉପଜିଲାପାଳ

**ଖୋର୍ଦ୍ଧା ଅଫିସ,୧୮।୨**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପରେ ପ୍ରକଳ୍ପ ନିର୍ମାଣ ଚାଲିଛି। ଗତବର୍ଷ ୧୩ଟି ପ୍ରକଳ୍ପ ପ୍ରଶାସନ ପକ୍ଷରୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ୧୦ଟି ମିଶନ ଶକ୍ତି ଗୃହ ଏବଂ ୩ଟି ପରିସ୍ରାଗାର(ଲୁ) ରହିଛି। ଏଥିଲାଗି ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ତେବେ ଗତ ୩ ବର୍ଷ ଧରି ଚାଲିଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିନାହିଁ। ଅନ୍ୟପଟେ ବରୁଣେଇ ସ୍ମାର୍ଟ ପାର୍କ ଏବଂ ଟିଏଲ୍‌ସି ରୋଡ୍‌ସ୍ଥିତ ଆଦର୍ଶ ଶ୍ମଶାନ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିଲା ନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବରୁଣେଇ ସ୍ମାର୍ଟ ପାର୍କ ଏବଂ ଟିଏଲ୍‌ସି ରୋଡ୍‌ଠାରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ୨୦୨୦ ଡିସେମ୍ବର ୧୬ରେ ପୌର ପ୍ରଶାସନ ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା। ମାର୍ଚ୍ଚ ଶେଷସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ୩ ବର୍ଷ ବିତିଲାଣି ହେଲେ କାମ ସରୁନି। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ପୁରୁଣା କାର୍ଯ୍ୟ ସରି ନ ଥିବା ବେଳେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଏକାଧିକ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ୨୦୨୧ ଅକ୍ଟୋବର ୨୪ରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀ ବରୁଣେଇ ପରିଦର୍ଶନ ବେଳେ ନଭେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କାର୍ଯ୍ୟରେ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନାରେ ବରୁଣେଇ ପାଦଦେଶରେ ୧.୮୪ ଏକର ଜମିରେ ୧କୋଟି ବ୍ୟୟ ଅଟକଳରେ ସ୍ମାର୍ଟ ପାର୍କ ନିର୍ମାଣ ଲାଗି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିଳାନ୍ୟାସ କରିଥିଲେ। ଏହି ସ୍ମାର୍ଟ ପାର୍କରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଲାଇଟ୍ ଆଣ୍ଡ ସାଉଣ୍ଡ ସହ ମ୍ୟୁଜିକାଲ ଫାଉଣ୍ଟେନ, ପାଦଚଲା ରାସ୍ତା, ଉଦ୍ୟାନ, ଶୌଚାଳୟ, ଟିକେଟ କାଉଣ୍ଟର, ପାର୍କିଂ ବ୍ୟବସ୍ଥା କରାଯିବ। ପାର୍କ ମଧ୍ୟରେ ଗୋଟିଏ ଲେଖାଏ ପ୍ରବେଶ ଓ ପ୍ରସ୍ଥାନ ରହିବ। ଏଥିସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରହିବାର ଯୋଜନା ରହିଛି। ସେହିପରି ଟିଏଲ୍‌ସିଠାରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ ବିଧାୟକ। ମୁଖ୍ୟ ଫାଟକ, ପାର୍କିଂ, ପାଦଚଲା ରାସ୍ତା, ପୂଜାସାମଗ୍ରୀ ଦୋକାନ, ଉଦ୍ୟାନ, ଅପେକ୍ଷା ଗୃହ, ଶୌଚାଳୟ, ଶବଦାହ ଲାଗି ୩ଟି ପିଣ୍ଡି, କାଠ ଗଚ୍ଛିତ ଲାଗି ଏକ କୋଠରି, ମନ୍ଦିର, ଉଦ୍ୟାନ, ପାର୍କ, ଶୌଚାଳୟ, ଆଲୋକୀକରଣ ବ୍ୟବସ୍ଥା, ସିକ୍ୟୁରିଟ୍ ଗାର୍ଡ ଲାଗି ଏକ କୋଠରି ବ୍ୟବସ୍ଥା କରାଯିବ। ଅତ୍ୟାଧୁନିକ ଶୈଳୀରେ ଏହି ଶ୍ମଶାନ ନିର୍ମାଣ ହେବ।

ଖୋର୍ଦ୍ଧା ସହରର ଏକାଧିକ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି ପିସିସି ସଭ୍ୟ ଶିଶିର ପରିଡ଼ା କହିଛନ୍ତି। ଖୋର୍ଦ୍ଧା ନାଗରିକ ମଞ୍ଚ ଆବାହକ ଶୋଭନ ଘୋଷ୍ କୁହନ୍ତି, ସହରର ବିକାଶ କଚ୍ଛପ ଗତିରେ ଚାଲିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଉଭୟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାକୁ ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ କରାଯିବ।

## 'ଆତ୍ମା ସହ ପରମାତ୍ମାର ମିଳନ ରାଜଯୋଗରେ ସହଜ ହୁଏ'

ବଡ଼ମ୍ବା,(ଡି. ଏନ. ଏ.): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡ଼ମ୍ବା ଶାଖା ସେବା କେନ୍ଦ୍ର ଆନୁକୂଲ୍ୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ସବିତା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମକୁମାର ବିଦ୍ୟାଧର ଭାଇ, ପ୍ରବୋଧ ଭାଇ, ଜିତୁ ଭାଇ, ସ୍ୱର୍ଣ୍ଣଲତା ଭଉଣୀ, ପତଞ୍ଜଳି ଯୋଗ ମହିଳା ସମିତି ମହାମନ୍ତ୍ରୀ ପ୍ରବୀଣା ମହାନ୍ତି ଯୋଗଦେଇଥିଲେ। ଏଥିରେ ଅତିଥିଭାବେ ପ୍ରାଣଯୋଗ ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ଯୋଗ ଦେଇ କହିଥିଲେ, ଆତ୍ମା ସହ ପରମାତ୍ମାର ମିଳନ ରାଜଯୋଗରେ ସହଜ ହୁଏ। ଏହି ଅବସରରେ ଧ୍ୱଜା ଉତ୍ତୋଳନ ଏବଂ ନଗର ପରିକ୍ରମା ଆଦି କାର୍ଯ୍ୟକ୍ରମ କରାଯାଇଛି।

## ସଂକ୍ଷେପରେ

### ଭାଜପା ନଗର ସଂଖ୍ୟାଲଘୁ ମୋର୍ଚ୍ଚାର ନୂତନ କାର୍ଯ୍ୟକର୍ତ୍ତା

**କଟକ ଅଫିସ,୧୮।୨:** ଭାରତୀୟ ଜନତା ପାର୍ଟି କଟକ ନଗର ସଂଖ୍ୟାଲଘୁ ମୋର୍ଚ୍ଚାର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଭାପତି ଭାବେ ମହମ୍ମଦ ସବିର, ଉପସଭାପତି ଇସରତ ଅଙ୍ଗୁମ, ସେକ୍ ଆୟୁବ, ଦେବାଶିଷ ଜାନେନ, ସେକ୍ ଅଫସର୍, ସାଧାରଣ ସମ୍ପାଦକ ମହମ୍ମଦ ମୁସ୍ତାକିମ, ଦୀପକ ପ୍ରଧାନ, ସମ୍ପାଦକ ଇମତିଆଜ ଖାନ, ସେକ୍ ଅଫସର, ଅବଦୁଲ ମୋକିତ, ସହେନାଜ ବିବି, ମହମ୍ମଦ ରୋଶନ, କୋଷାଧକ୍ଷ ମହମ୍ମଦ ସଦାତ୍, ମେଡିଆ ସେଲ ସଂଯୋଜକ ସେକ୍ ରହେମନ ଏବଂ ଆଇଟି ସେଲ୍ ସଂଯୋଜକ ସୌମ୍ୟରଞ୍ଜନ ନାୟକ କମିଟିରେ ସାମିଲ ହୋଇଛନ୍ତି। ଏନେଇ ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଜଷ୍ଟିସ ଯୁଗଳ ମହାନ୍ତିଙ୍କ ସ୍ମୃତିସଭା ପାଇଁ ପ୍ରସ୍ତୁତି

**କଟକ ଅଫିସ, ୧୮।୨:** ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତିସଭା ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି ସ୍ମୃତିସଭା ଉପଲକ୍ଷେ ରକ୍ତଦାନ ଶିବିର, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହେବା ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ମହାନ୍ତିଙ୍କ ସ୍ମୃତିସଭା ନିମନ୍ତେ ଚାନ୍ଦିନୀଚୌକସ୍ଥିତ ରାଜକିଶୋର ଭବନଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସ୍ମୃତି ସଂସଦ ସଭାପତି ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ୍ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଲୋକପାଳର କାର୍ଯ୍ୟକାରୀ ଅଧକ୍ଷ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି, ସିଏମ୍‌ସି ମେୟର ସୁବାସ ସିଂ, ଶଶୀଭୂଷଣ ଦାସ, ଡ. ସୁଲୋଚନା ଦାସ, ଅକ୍ଷୟ କୁମାର ଦାସ, ଡ. ଆଶୁତୋଷ ଦେବତା ପ୍ରମୁଖ ଯୋଗଦେଇଥିଲେ।

# ବାକିରେ କାର୍ଯ୍ୟ ଚାଲିଥିବା ନେଇ ଲୋକାଲ ଫଣ୍ଡ ଅଡିଟ ଅଜ୍ଞ

**ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥା**

କଟକ ସଦର,୧୮।୨(ଡି.ଏନ୍.ଏ.)

୨୦୧୮ ମସିହାରୁ କଟକ ସଦର ବ୍ଲକର ସମସ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାକିରେ କରାଯାଉଥିବା ନେଇ ଲିଖିତ ଆକାରରେ ରାଜ୍ୟ ସୂଚନା କମିଶନରଙ୍କୁ ବିଡିଓ ଜଣାଇଥିଲେ। ମାତ୍ର ଏଭଳି ନିୟମ ସମ୍ପର୍କରେ କଟକସ୍ଥିତ ଲୋକାଲ ଫଣ୍ଡ ଅଡିଟ କାର୍ଯ୍ୟାଳୟ ଅଜ୍ଞ ଥିବା ସୂଚନା ମିଳିଛି। ଶୁକ୍ରବାର ଏ ସଂକ୍ରାନ୍ତୀୟ ପ୍ରଥମ ଅପିଲର ଶୁଣାଣି ବେଳେ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ବହୁ ତଥ୍ୟ ଜଣାପଡ଼ିଛି। ବିଡିଓଙ୍କ ସୂଚନାଟି ବ୍ୟକ୍ତିଗତ ହୋଇଥିବାରୁ ଏନେଇ କୌଣସି ସରକାରୀ ନିର୍ଦ୍ଦେଶନାମା ନାହିଁ ବୋଲି ପ୍ରଥମ ଅପିଲ କର୍ତ୍ତୃପକ୍ଷ କହିଥିଲେ। କାରଣ ଉତ୍ତରଟି କୌଣସି ସରକାରୀ ନିର୍ଦ୍ଦେଶନାମାକୁ ଆଧାରକରି ଦିଆଯାଇ ନାହିଁ। ବିଡିଓ ଦେଇଥିବା ଲିଖିତ ବିବୃତ୍ତି ସମ୍ପର୍କରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଉକ୍ତ ଆବେଦନପତ୍ରଟିକୁ କଟକ ସଦର ବ୍ଲକ ଲୋକ ସୂଚନା ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ବିବରଣୀରୁ ପ୍ରକାଶ, ୨୦୧୮ରେ ପତ୍ର ସଂଖ୍ୟା ୧୩୨୨୦/୧୩।୭।୨୦୧୮ ରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତ୍ରି- ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଷ୍ଟାଫମାନେ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଥିପାଇଁ ଆଗୁଆ ଅର୍ଥ କେଉଁଠାରୁ ଆସିବ ସେକଥା ଉକ୍ତ ଚିଠିରେ ନାହିଁ। ମାତ୍ର ସମସ୍ତ କାର୍ଯ୍ୟ ବାକିରେ କରାଯାଉଥିବାର ବିବୃତି ସ୍ଥାନୀୟ ବିଡିଓ ପତ୍ର ସଂଖ୍ୟା ୨୬୯୪/୧୯।୧୦।୨୦୨୨ ରେ ରାଜ୍ୟ ସୂଚନା କମିଶନରଙ୍କୁ ଜଣାଇଥିଲେ। ମାତ୍ର କଟକ ସଦର ବ୍ଲକର ଜଣେ କନିଷ୍ଠ କିରାଣି ପତ୍ର ସଂଖ୍ୟା ୧୭୨/୧୮।୧।୨୦୨୩ରେ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କର କୌଣସି ନିର୍ଦ୍ଦେଶନାମା ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ ବୋଲି ଲିଖିତ ଆକାରରେ ଜଣାଇଛନ୍ତି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ଉତ୍ତର ଦେବାକୁ ମନା କରିଦେଇଥିଲେ।



କଟକ-ପାରାଦୀପ ରେଳପଥର ମଉଗଜପୁର ରେଲୱେ ଲେବଲ କ୍ରସିଂ ଫାଟକ ପଡ଼ିଥିବା ବେଳେ ଲୋକେ ବିପଜ୍ଜନକ ଯାତ୍ରା କରୁଛନ୍ତି।

# ରେଳଫାଟକ ବନ୍ଦବେଳେ ବିପଜ୍ଜନକ ଯାତ୍ରା

କଟକ ଅଫିସ,୧୮।୨

ରେଳ ଫାଟକ ପଡ଼ିବା ସମୟରେ କେହି ଯାତାୟାତ ନ କରିବା ପାଇଁ ରେଳ ବିଭାଗ ପକ୍ଷରୁ ସମସ୍ତ ପକ୍ଷରୁ ସଚେତନତା କରାଯାଉଛି। ହେଲେ ବି ଲୋକମାନେ ନିୟମ ନ ମାନି ବିପଜ୍ଜନକ ଭାବେ ରେଳ ଫାଟକରେ ଟ୍ରେନ୍ ଆସୁଥିବା ସମୟରେ ଯାତାୟାତ କରୁଛନ୍ତି। କଟକ-ପାରାଦୀପ ରେଳପଥର ମଉଗଜପୁର ରେଲୱେ ଲେବଲ କ୍ରସିଂ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୧ଟାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଲେବଲ କ୍ରସିଂର ଉଭୟ ପାର୍ଶ୍ୱରେ ସତର୍କତା ମୂଳକ ସୂଚନା ଲେଖାଯାଇଛି। ଫାଟକ ବନ୍ଦ ଥିବା ସମୟରେ ରେଲଲାଇନ ପାର ନହେବା ଲାଗି ସତର୍କତା ମୂଳକ ସୂଚନା ଫଳକ ଲାଗିଛି। ତଥାପି ଲୋକେ କେଇ ମିନିଟ୍ ଅପେକ୍ଷା କରିବାକୁ ଉଚିତ ମନେକରୁନାହାନ୍ତି। କେବଳ ଲୋକେ ନୁହେଁ। ଦୁଇଚକିଆ ଯାନକୁ ଫାଟକ ତଳେ ଅଣେଇ କରି ଏକାଧିକ ଲୋକେ ଯାଉଥିବାର ଦେଖାଯାଇଛି। ସେମାନଙ୍କ ଭିତରେ ମହିଳା ଓ କୁନିକୁନି ପିଲାମାନେ ବି ଅଛନ୍ତି। ସଚେତନତା ଅଭାବରେ ଲୋକମାନେ ଏପରି କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି। ତେବେ ଲୋକମାନେ ନିଜର ଦାୟିତ୍ୱହୀନତା ପାଇଁ ଅଘଟଣ ଘଟି ଧନଜୀବନ ହାନୀ ହେଲେ ସେଥିପାଇଁ କିଏ ଦାୟୀ ରହିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଡାଲିଯୋଡ଼ା ବନାଞ୍ଚଳରେ ହାତୀ ଗଣନା

ଚୌଦ୍ୱାର,୧୮।୨(ଡି.ଏନ୍.ଏ.)



କଟକ ବନଖଣ୍ଡ ଅନ୍ତର୍ଗତ ଡାଲିଯୋଡ଼ା ବନାଞ୍ଚଳରେ ବନ ବିଭାଗ ତରଫରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶନିବାର ମୋଟ ୧୦ଟି ହାତୀ ଗଣନା କରାଯାଇଛି। ସେଥିମଧ୍ୟରୁ ବୈରୀ ସେକ୍ସନ୍‌ରେ ଦୁଇଟି ଅମୀୟଝରୀ ଜଙ୍ଗଲରେ ଗୋଟିଏ ଓ କଳକାଳା ଜଙ୍ଗଲରେ ଗୋଟିଏ, ସଫା ଜଙ୍ଗଲରେ ୭ଟି ଏବଂ ଡାଲିଯୋଡ଼ା ସଂରକ୍ଷିତ ଜଙ୍ଗଲରେ ଗୋଟିଏ ହାତୀ ଠାବ କରାଯାଇଛି। ଠାବ ହୋଇଥିବା ହାତୀଙ୍କ ମଧ୍ୟରେ ୭ଟି ପୁରୁଷ, ୨ଟି ମାଈ ଓ ଗୋଟିଏ ଛୁଆହାତୀ ଥିବା ଜଣାପଡ଼ିଛି। ସଫା ସେକ୍ସନରେ ଠାବ ୭ଟି ହାତୀ ମଧ୍ୟରୁ କଡ଼େଇ କାଜୁ ଜଙ୍ଗଲରେ ଗୋଟିଏ, କାଳୀଆମ୍ବା ସଂରକ୍ଷିତ ଜଙ୍ଗଲରେ ୫ଟି ଓ ମଙ୍ଗରାଜପୁର ସେକ୍ସନ୍ ଡାଲିଯୋଡ଼ା ସଂରକ୍ଷିତ ଜଙ୍ଗଲର ସାଲୁଆସୁଣି ନିକଟରେ ଗୋଟିଏ ହାତୀ ଠାବ ହୋଇଛି। ଏହି ହାତୀ ଗଣନା କାର୍ଯ୍ୟକ୍ରମ ଜାରି ରହିବ। ବୈରୀ ରେଞ୍ଜର ଅଭିରାମ ଜେନା ଓ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ରେଞ୍ଜର ସମସ୍ତ ବନପାଳ ତଥା ବନ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

# ନାଟ୍ୟକାର ମନୋରଞ୍ଜନ ଦାସଙ୍କ ସ୍ମୃତିସଭା

କଟକ ସଦର,୧୮।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ପାଟଣା ଗ୍ରାମରେ ଶୁକ୍ରବାର ବିଶିଷ୍ଟ ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦୟାନିଧି ପ୍ରତିଭା ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ସରୋଜ ନଳିନୀ ପରିଜା ସଭାପତିତ୍ୱ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀକତା ଦାସ,ପଣ୍ଡିତ କୃଷ୍ଣଚନ୍ଦ୍ର ରଥ ଶର୍ମା, ମନୋଜ ପଟ୍ଟନାୟକ, ଡ.ସୁର ରଞ୍ଜନ ଲେଙ୍କା ଯୋଗଦେଇ ନାଟ୍ୟକାର ସ୍ୱର୍ଗତ ଦାସଙ୍କ ଅନନ୍ୟ ଅବଦାନ ଉପରେ ଆଲୋଚନା କରିଥିଲେ। ନାରାୟଣ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଭୟ ଦାସ ଅତିଥି ପରିଚୟ ଓ ନୃତ୍ୟ ଗୁରୁ ଦାସ ଧନ୍ୟବାଦ ଦେଇଥିଲେ। ସକାଳ ବେଳା ଏହି ଅବସରରେ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଶରତ ରାୟ, ଶ୍ୟାମ ସୁନ୍ଦର ଦାସ, ବୁଲେଇ ବେହେରା, ଛବିରାଣୀ ପତି, ଖଲ୍ଲିକୁଜ ଜମାନ ଖାଁ, ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ରବତ୍ସଳ ଥିଲେ କାଳିନ୍ଦୀ ବେହେରା


କାଳିନ୍ଦୀ ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଉପସ୍ଥିତ ଅତିଥି।

**କାଳିନ୍ଦୀ ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଳିତ**

ସାଲେପୁର,୧୮।୨(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ କାଳିନ୍ଦୀ ବେହେରା ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଅଧ୍ୟାପକ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଲେପୁର କଲେଜ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ କାଳିନ୍ଦୀ ବେହେରା ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାଳନ୍ଦୀ ଛାତ୍ରବତ୍ସଳ ଥିଲେ ବୋଲି ଅତିଥିମାନେ କହିଥିଲେ। ସଂସଦର ସଭାପତି ରାମଚନ୍ଦ୍ର ମହାନ୍ତି, ଉପଦେଷ୍ଟା ଜ୍ଞାନରଞ୍ଜନ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ସେକ୍ ରହମିମ୍ ବକ୍ସ, ପ୍ରସନ୍ନ ମହାପାତ୍ର, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

# ସବୁଠି ଶିବମୟ ପରିବେଶ

ଚୌଦ୍ୱାର/ କଟକ ସଦର/ କଣ୍ଟାପଡା/ ସାଲେପୁର/ମାହାଙ୍ଗା/ ବଡ଼ମ୍ବା,୧୮।୨(ଡି.ଏନ୍.ଏ./ ସ୍ୱ.ପ୍ର.)

ଚୌଦ୍ୱାରର ଅଷ୍ଟଶମ୍ଭୁ କୁହାଯାଉଥିବା କପାଳେଶ୍ୱର, ଚାଟେଶ୍ୱର, ବଟେଶ୍ୱର, ଝୋଟେଶ୍ୱର, କେଦାରେଶ୍ୱର, ଉତ୍ତରେଶ୍ୱର, ବାଲୁଙ୍କେଶ୍ୱର, ମଣିନାଗେଶ୍ୱର ଆଦି ପୁରାତନ ମନ୍ଦିରରେ ଦିଅଁଦର୍ଶନ ହୋଇଥିଲା। ସବୁ ମହାଦେବ ମନ୍ଦିରରେ ଶିବମୟ ପରିବେଶ ହୋଇଯାଇଥିଲା। କଟକ ସଦର ବ୍ଲକ ପରମହଂସ ନାଥ, ୪୨ ମୌଜାର ବରାଳସ୍ଥିତ ନୀଳକଣ୍ଠ ନାଥ, ସ୍ୱପ୍ନେଶ୍ୱର୍, କଳପଡ଼ାର କଦମ୍ବେଶ୍ୱର୍, ଦେଉଳିର ବାଲୁଙ୍କେଶ୍ୱର, ଦାମୋଦରପୁରର ନାଗେଶ୍ୱର ନାଥ, ଓଡ଼ପଡ଼ାର ଗଡନାଥ, ରାମକୁମାରପୁରର ନୀଳକଣ୍ଠେଶ୍ୱର, ବାଲିଶୁକ୍ରିର ମୁକ୍ତେଶର ମନ୍ଦିର, କିଶୋର ନଗରର ସ୍ୱପ୍ନେଶ୍ୱର୍ ମନ୍ଦିରରେ ମହାଦୀପ ଉତ୍ସର୍ଗ ହୋଇଥିଲା। କଣ୍ଟାପଡା ବ୍ଲକ ସମିଆ ମହଦେବ ପୀଠ ସମେତ ବାଗଲପୁର ଦକ୍ଷିଣେଶ୍ୱର, ସୁନ୍ଦରଗ୍ରାମ, ଶିଶୁଆ ଓ ମଜୁରାଇର ଗଡନାଥ ମହାଦେବ ମନ୍ଦିର, ଗୋବିନ୍ଦପୁରର ଲବଲାଟେଶ୍ୱର, ଓଲଟପୁରର ଗୁମ୍ଫଗାଦୀ ଶିବମନ୍ଦିର, ଅଡଶପୁରର ସ୍ୱପ୍ନେଶ୍ୱର, ବରାହୀପୁର ବରାହୀଶ୍ୱର, ନାହାଳପୁରର ବିଘ୍ନେଶ୍ୱର, ଗୁଣାଦୋଳ ତ୍ରୈଲୋକ୍ୟନାଥ, ନୂଆଗାଁର ବନ୍ତନାଥ ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସାଲେପୁର ବ୍ଲକର ସର୍ବପୁରାତନ ଚାଟେଶ୍ୱର ମହାଦେବ ମନ୍ଦିର, ହନୁମନ୍ତେଶ୍ୱର, ଗଙ୍ଗେଶ୍ୱର, ବିଶେଶ୍ୱର, ସାହେଶ୍ୱରୀ ପୀଠର ଚନ୍ଦ୍ରଶେଖର ମହାଦେବ ମନ୍ଦିର, ଶାରଳା ପୀଠର ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ଓ କଳାଗ୍ନି ମହାଦେବ ମନ୍ଦିରରେ ଜାଗର ଯାତ୍ରା ହୋଇଯାଇଛି। ସେହିପରି ମାହାଙ୍ଗାର ପ୍ରସିଦ୍ଧ ତ୍ରିବେଣୀଶ୍ୱର ମହାଦେବ ପୀଠ, କପିଳେଶ୍ୱର ମନ୍ଦିର, ପଣସପୁରସ୍ଥିତ ଇଶାଣେଶ୍ୱର, ଶ୍ରୀଶ୍ରୀ ବୀର ଭଦ୍ରେଶ୍ୱର ପୀଠ, ଅଡ଼ମ ଅମରେଶ୍ୱର, ଶୁକ୍ଳେଶ୍ୱର ଭଗବତୀ ପୀଠର ମାଣିକେଶ୍ୱର, ଜଳେଶ୍ୱରପୁରର ରାମେଶ୍ୱରଙ୍କ ମନ୍ଦିରରେ ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବାର ଶଙ୍ଖାମେରୀସ୍ଥିତ ସ୍ୱପ୍ନେଶ୍ୱରଦେବ, ଲୋକନାଥଦେବ, କାଶୀ ବିଶ୍ୱନାଥଦେବ, ଚନ୍ଦ୍ରଶେଖରଦେବ, କୋଳେଶ୍ୱରଦେବ, ଭଟ୍ଟାରିକାସ୍ଥିତ କାଶୀବିଶ୍ୱନାଥଦେବ, ମାଣିଆବନ୍ଧର ବାଲୁଙ୍କେଶ୍ୱରଦେବଙ୍କ ପୀଠରେ ମଧ୍ୟ ମହାଶିବରାତ୍ରିଅନୁଷ୍ଠିତ ହୋଇଯାଇଛି।

# ଶିବ ପଞ୍ଚାକ୍ଷର ମନ୍ତ୍ରରେ ଶୈବପୀଠ ପ୍ରକମ୍ପିତ

କଟକ ଅଫିସ, ୧୮।୨

ମହାଶିବରାତ୍ରି ପାଇଁ ଶନିବାର କଟକ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇ ପଡ଼ିଥିଲା। ମହାଦେବଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ମଧ୍ୟାହ୍ନରେ ଠାକୁରଙ୍କ ମଧ୍ୟାହ୍ନ ଭୋଗ, ପୂଜା ଏବଂ ପହୁଡ଼ ଲାଗି କରାଯାଇଥିଲା। ଅପରାହ୍ନରେ ଦେବ ଦର୍ଶନ, ସନ୍ଧ୍ୟା ଆଳତି, ପ୍ରଥମ ପ୍ରହର କ୍ଷୀର ଅଭିଷେକ, ଦ୍ୱିତୀୟ ପ୍ରହର ଦଧି ଅଭିଷେକ, ତୃତୀୟ ପ୍ରହର ଘୃତ୍ୟ ଅଭିଷେକ ସାଙ୍ଗକୁ ହରିହର ଭେଟ, ମହାଦୀପ ଅର୍ପଣ ଏବଂ ଚତୁର୍ଥ ପ୍ରହରରେ ମଧୁ ଅଭିଷେକ ଭଳି ବିଧି ପାଳନ କରାଯାଇଥିଲା। ଶିବଲିଙ୍ଗକୁ କ୍ଷୀରସ୍ନାନ, ମହୁସ୍ନାନ, ଘୃତସ୍ନାନ ଓ ଜଳସ୍ନାନ କରାଯାଇ ବିଭିନ୍ନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ବିଶେଷକରି ରୁଦ୍ରାଭିଷେକ ସମୟରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ଭିତରେ ଦୀପ ଜାଳିବା କିମ୍ବା ଦର୍ଶନ ପାଇଁ ରହଣି ଉପରେ ପୋଲିସ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ଥିଲେ। ଶ୍ରଦ୍ଧାଳୁମାନେ ରାତିସାରା ବସି ଜାଗର ଦୀପ ଜାଳିଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ମହାଦୀପ ଉଠିବା ପରେ ବହୁ ମନ୍ଦିରରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଗଡଗଡେଶ୍ୱର, ପରମହଂସ, ଚହଟେଶ୍ୱର, ବିଶ୍ୱେଶ୍ୱରାୟ, ବେଲେଶ୍ୱର, ଆଖଣ୍ଡଳମଣି, ଅଷ୍ଟଶମ୍ଭୁ, ଦୁର୍ଗେଶ୍ୱରାୟ, ବୈଦ୍ୟନାଥ, ବକ୍ସିବଜାରସ୍ଥିତ ବାବା ଅମରେଶ୍ୱର ମନ୍ଦିର, କାମେଶ୍ୱର ମନ୍ଦିର ପ୍ରଭୃତି ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଶିଳ୍ପୀ କୁମ୍ଭାର ସାହିରେ ତିଆରି ହୋଇଥିବା ଏକ ବୃହତ ଦୀପ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିରରେ ଦେଢ଼ କୁଇଣ୍ଟାଲ ଘିଅରେ ଜଳିଥିଲା। ଏହି ଦୀପର ଲମ୍ବ ୫ ଫୁଟ୍ ହୋଇଥିବା ବେଳେ ୪ ଫୁଟ୍ ଚଉଡ଼ା ଓ ୧.୫ ଫୁଟ୍ ଉଚ୍ଚତା। ଶିଳ୍ପୀ କୁମ୍ଭାର ସାହିର କାରିଗର ପ୍ରମୋଦ କୁମାର ବେହେରା ଏହି ବୃହତ ଦୀପକୁ ତିଆରି କରିଥିବାବେଳେ ଏହାର ମୂଲ୍ୟ ୧୨ହଜାର ଟଙ୍କା। ସେହିପରି ଗଡ଼ଗଡ଼ିଆସ୍ଥିତ ବାବା ଗଡ଼ଗଡେଶ୍ୱର ମନ୍ଦିରରେ ୩ଟାରୁ ୪ଟା ମଧ୍ୟରେ ଆଳତି ଶେଷ ହେବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମହାଯଜ୍ଞ ସହ ବିଭିନ୍ନ ରୀତିନୀତି ଶେଷ ହେବା ପରେ ଶନିବାର ରାତି ୧୨ଟା ବେଳେ ମହାଦୀପ ଉଠିଥିଲା। ସେହିପରି ଟାଙ୍ଗୀସ୍ଥିତ ଶ୍ରୀକୋଟେଶ୍ୱର ମହାଦେବଙ୍କ ପୀଠରେ ମହାଶିବ ରାତ୍ରି ପାଳନ ହୋଇଥିଲା। କୋଟେଶ୍ୱର କଲ୍ୟାଣ ସମିତି ମୁଖ୍ୟ ପୃଷ୍ଠପୋଷକ ତଥା 'ଡ୍ରିମ୍‌ସ' ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସଭାପତି ଶିକ୍ଷଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ସମ୍ପାଦକ ଶୁଭେନ୍ଦ୍ରନାଥ ଷଡଙ୍ଗୀ, ଗିରିଜାଶଙ୍କର ମିଶ୍ର, ଲକ୍ଷ୍ମୀନାରାୟଣ ଦାସ, ଅନନ୍ତ ନାଥ, ବାବାଜୀ ମହାନ୍ତି, ପ୍ରଦୀପ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।


କଟକ ସଦରସ୍ଥିତ ପରମହଂସନାଥ ମନ୍ଦିରରେ ପୂଜକମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିରରେ ଜଳିଲା ୫ଫୁଟ୍‌ର ଦୀପ**

# ୩୦ କିଲୋ ଚାନ୍ଦି ରୁପାରେ ସ୍ୱର୍ପେଶ୍ୱର ମହାଦେବ



ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.)

ଆଠଗଡ଼ ଦ୍ୱାରଦେଶ ମୁଣ୍ଡଳୀ ନିକଟ କଟକିଆ ସାହି ପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ବାବା ସ୍ୱର୍ପେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଉପଲକ୍ଷେ ପ୍ରଥମ କରି ବାବାଙ୍କୁ ୩୦ କିଲୋ ଓଜନର ୨୨ ଲକ୍ଷ ୨୫ ହଜାର ଟଙ୍କାର ଚାନ୍ଦି ରୁପାରେ ବିମଣ୍ଡିତ କରାଯାଇ ରାଜା ରାଜେଶ୍ୱର ବେଶରେ ସଜ୍ଜିତ କରାଯାଇଛି ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ଦାସ କହିଛନ୍ତି। ସ୍ୱର୍ପେଶ୍ୱର ଉନ୍ନୟନ ପରିଷଦ ଓ ଆଠଗଡ଼ ଦେବୋତ୍ତର ବିଭାଗ ମିଳିତ ଉଦ୍ୟମରେ ଏହି ଚାନ୍ଦି ରୁପା କଟକର ପ୍ରସିଦ୍ଧ ବ୍ୟବସାୟୀ ଚନ୍ଦନ କୁମାର ଆର୍ଯ୍ୟ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭକ୍ତଙ୍କଠାରୁ ସଂଗ୍ରହ କରାଯାଇଥିବା ନେଇ ସ୍ୱର୍ପେଶ୍ୱର ଉନ୍ନୟନ ପରିଷଦ ସଭାପତି ତଥା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ରାଉତ କହିଛନ୍ତି। ଏହି ରୁପାରେ ବାବାଙ୍କର ଲିଙ୍ଗ, ପଦ୍ମ, ସର୍ପ, ଛତି, ତ୍ରିଶୂଳ ଓ ଡମ୍ବରୁ ଇତ୍ୟାଦି ନିର୍ମିତ କରାଯାଇ ବିମଣ୍ଡିତ କରାଯାଇଛି।


କଟକ ବିଡ଼ାନାସୀ ଛକସ୍ଥିତ ଶ୍ରୀଚହଟେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।


ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ବୃହତ ମହାଦୀପକୁ ପ୍ରଜ୍ୱଳନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୩

| | |
|---|---|
| ୫,୦୨,୭୩୭ ଟଙ୍କା | |
| ସୁନା | ୪୪.୨୦୦ ଗ୍ରାମ |
| ରୁପା | ୫.୨୦୦ ଗ୍ରାମ |

# ସବୁଠି ଶୁଭିଲା ଓଁ ନମଃ ଶିବାୟ...

ସାକ୍ଷୀଗୋପାଳ/ଡେଲାଙ୍ଗ/ ଅସ୍ତରଙ୍ଗ/ ନିମାପଡ଼ା/ କୋଣାର୍କ, ୧୮।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ମହାଶିବରାତ୍ରି ପାଇଁ ଶନିବାର ବିଭିନ୍ନ ଶୈବପୀଠ ଉତ୍ସବ ମୁଖରିତ ହୋଇ ଉଠିଥିଲା। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା ଓ ରାତ୍ରି ଉଜାଗର ରହି ଓଁ କାରଧ୍ୱନି ଦେଇ ଦୀପ ଜାଳିଥିଲେ। ରାତ୍ରରେ ଭଜନ ପରିବେଷଣ ସାଙ୍ଗକୁ ରାମଲୀଳା ଓ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କୁ ବାନ୍ଧି ରଖିଥିଲା। ସାକ୍ଷୀଗୋପାଳର ବଡ଼ କାଞ୍ଚିଆସ୍ଥିତ କୋଶଳେଶ୍ୱର ଦେବ, ଅହମ୍ମଦପୁର ମୁଆଁଖିଆ ମହାଦେବ, ବୀରରାମଚନ୍ଦ୍ରପୁର ଇସାନେଶ୍ୱରଦେବ ସାଣ୍ଟରାଶାସନସ୍ଥିତ ନୀଳକଣ୍ଠେଶ୍ୱର ଦେବ, ଷୋଳହଳସ୍ଥିତ ଲୋକନାଥ ଦେବ, ଓଲସ୍ଥିତ ଇନ୍ଦ୍ରେଶ୍ୱର ଦେବ, ବରାଳସ୍ଥିତ ବାଲୁଙ୍କେଶ୍ୱର ଦେବ, ଚାରିଶ୍ରୀସ୍ଥିତ ଯୋଡ଼ାଲିଙ୍ଗ ଦେବ ପ୍ରଭୃତି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଦିଆଯାଇଥିଲା। ଡେଲାଙ୍ଗ ବ୍ଲକର ବିଭିନ୍ନ ଶିବ ମନ୍ଦିରରେ ଜାଗର ପାଳିତ ହୋଇଛି। ଡେଲାଙ୍ଗ ଥାନା ପରିସରରେ ଅବସ୍ଥାପିତ ବାବା ବିଶ୍ୱନାଥଦେବଙ୍କ ମନ୍ଦିରରେ ହୋମଯଜ୍ଞ କରାଯାଇଥିଲା। ଡେଲାଙ୍ଗ ଥାନା ସିପାହୀ ଯିତେନ୍ଦ୍ର ସ୍ୱାଇଁ କର୍ତ୍ତା ଓ ତାଙ୍କ ସ୍ତ୍ରୀ କର୍ତ୍ତ୍ରୀଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଶୋକ ପଣ୍ଡା ମୁଖ୍ୟ ଭାବେ ପୂଜା ଅର୍ଚ୍ଚନା କରିଥିଲେ। ସେହିପରି ପିଢପାଟଣାର ବାଙ୍କେଶ୍ୱର ଦେବ, ହୁମର ଗଡେଶ୍ୱର ଦେବ, ପୋଷଲ ଚନ୍ଦ୍ରଶେଖର ଦେବ, ବେରବୋଇ ବ୍ରହ୍ମେଶ୍ୱର, ବାଙ୍କେଶ୍ୱର ଦେବ, ତରବୋଇ ତାଳେଶ୍ୱର ଦେବଙ୍କ ମନ୍ଦିରରେ ମାନସିକଧାରୀମାନେ ଦୀପ ଜାଳିଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ସଂକୀର୍ତ୍ତନ, ପ୍ରବଚନ ଓ ଭଜନ ମାଧ୍ୟମରେ ଶିବଙ୍କ ଆରାଧନା କରୁଥିଲେ।



ଅସ୍ତରଙ୍ଗଠାରେ ମହାଦେବଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ସମେଶ୍ୱର, ଶଙ୍କରେଶ୍ୱର, ଐଶାନେଶ୍ୱର, ରାମେଶ୍ୱର, ନାଟେଶ୍ୱର, କଣିଆ ଲୋକନାଥ ପୀଠ, ଈଶ୍ୱରନାଥ, ଗୁଡୁବଣାଇଁ ନୀଳକଣ୍ଠେଶ୍ୱର ପୀଠରେ ସଂକୀର୍ତ୍ତନ ଓ ନାମଯଜ୍ଞରେ ମନ୍ଦିର ବେଢା ପ୍ରକମ୍ପିତ ହେଉଥିଲା। ଗ୍ରାମ କମିଟି ପକ୍ଷରୁ କାଳନ୍ଦୀ ବେହେରା କର୍ତ୍ତା ଓ ପୂଜକ ବ୍ରହ୍ମାନନ୍ଦ ପଣ୍ଡା, ସନ୍ତୋଷ, ବିଭୁତି ପୂଜା କାର୍ଯ୍ୟ ତୁଲାଇଥିଲେ। କୃଷ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ର ଜେନା, ବଳରାମ ନାୟକ, ବାଈଧର ନାୟକ, ସୁବାଷ ନାୟକ, ପ୍ରହ୍ଲାଦ ଜେନା, ଅକ୍ଷୟ ଜେନା, ଗଗନ ନାୟକ ପ୍ରମୁଖ ଗ୍ରାମବାସୀ ଏହି ଉତ୍ସବ ପରିଚାଳନା କରିଥିଲେ। ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଯୋଗଦେଇଥିଲେ।

ନିମାପଡ଼ାର ଆରାଧ୍ୟ ଦେବତା ବାବା ପୂର୍ଣ୍ଣେଶ୍ୱର, ପାଟପୁରର ପ୍ରଭୁ ଲୋକନାଥ, କପିଳେଶ୍ୱର, ବୁଦ୍ଧେନାଥ, ଦିଘାଳୋ ଓ ଡେଣୁଆଁର ନୀଳକଣ୍ଠେଶ୍ୱର, ସର୍ବୀପଡ଼ାର ସ୍ୱପ୍ନେଶ୍ୱର, କୁଆଁସର ନୀଳକଣ୍ଠେଶ୍ୱର, ଭିଳିଦେଉଳିର ପୂର୍ଣ୍ଣେଶ୍ୱର, ଧବଳେଶ୍ୱରର ଧବଳେଶ୍ୱର, ବିଷ୍ଣୁପୁରର ସିଦ୍ଧେଶ୍ୱର, ଅଣ୍ଡିଆଶାସନର ରାମେଶ୍ୱର ଆଦି ଶୈବପୀଠ ଶିବ ଧ୍ୱନିରେ ପ୍ରକମ୍ପିତ ହେଉଥିଲା। ମନ୍ଦିରରେ ଶିବଙ୍କ ମହାସ୍ନାନ, ମଇଲମ, ଆଳତି, ବାଳଭୋଗ, ଫଳଭୋଗ, ପଣା ଭୋଗ ପରେ ସାହାଣ ମେଲା ହୋଇଥିଲା। ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି ଦୀପଜାଳି ଥିଲେ। ବିଭିନ୍ନ ପୀଠରେ ଭଜନ ସମାରୋହ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

କୋଣାର୍କ ନିକଟସ୍ଥ ବାବା ବାଳିକପିଳେଶ୍ୱର ପୀଠରେ ଜାଗର ଯାତ୍ରା ହୋଇଯାଇଛି। ବାବା ବାଳିକପିଳେଶ୍ୱର ଜାଗର କମିଟି ଆନୁକୂଲ୍ୟରେ ମନ୍ଦିର ସେବକ ସମିତି ପକ୍ଷରୁ ପହୁଡ଼ ଫିଟା, ଦ୍ୱାରାପାଳ ପୂଜା, ମଂଗଳ ଆଳତୀ, ମଇଲମ ନୀତି ସହ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ଜାଗର ଯାତ୍ରାରେ ନିମାପଡ଼ା ଏସଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବାବା ବାଳିକପିଳେଶ୍ୱର ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ରହିଥିଲେ। ଜାଗର କମିଟି ପକ୍ଷରୁ ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଫି ଆଦାୟ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବାଟ ଦେଇ ପୁରୀ ଲୋକନାଥଙ୍କ ପୀଠକୁ ଯାଉଥିବା ଭକ୍ତଙ୍କୁ ଅଟକାଇ ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଥିବା ଅଭିଯୋଗ ହୋଇଛି। ସେହିପରି କୋଣାର୍କର ଅର୍କେଶ୍ୱର, ତ୍ରିବେଣୀଶ୍ୱର, ଈଶାଣେଶ୍ୱର, ଦକ୍ଷିଣେଶ୍ୱର, ବାଟେଶ୍ୱର, ନୀଳକଣ୍ଠେଶ୍ୱର, ତାମ୍ରେଶ୍ୱର, ଗରୁଡେଶ୍ୱର, ବାବା ମଙ୍ଗୁଳେଶ୍ୱର ପ୍ରମୁଖ ମନ୍ଦିରରେ ଶିବରାତ୍ରି ପାଳନ ହୋଇଥିଲା।

## ଜାଗର ଅହୋରାତ୍ର ସାଂସ୍କୃତିକ ସମାରୋହ

ପୁରୀ ଅଫିସ, ୧୮।୨

ପବିତ୍ର ମହାଶିବରାତ୍ରି ଅବସରରେ ଶ୍ରୀଲୋକନାଥ ମନ୍ଦିର ନିକଟସ୍ଥ ଜାଗରପଦାଠାରେ ଶ୍ରୀଲୋକନାଥ ଦେବ ସାଂସ୍କୃତିକ ସଂସଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜାଗର ଅହୋରାତ୍ର ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଉଦଘାଟନ କରିଥିଲେ। ଆମ ସଂସ୍କୃତିରେ ଜାଗରର ବିଶେଷ ମହତ୍ତ୍ୱ ରହିଥିବା ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ, ଓଡ଼ିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସାଂସ୍କୃତିକ ସଂସଦର ଉପସଭାପତି ରାଜେଶ ମିଶ୍ର, କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନରେ ଅଧିକ ଭକ୍ତିଭାବ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ସଂସଦର ସମ୍ପାଦକ ରବିନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଶେଷରେ ଧନ୍ୟବାଦ ଦେଇଥିଲେ। ଦଣ୍ଡପାଣି ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମଗିରି,୧୮।୨(ଡି.ଏନ୍.ଏ.): ସିପସରୁବାଲି ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୃଜନାୟନ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯଶୋବନ୍ତ ନାରାୟଣ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ବିଡିଓ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ପଣ୍ଡା, ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ଯତୀନ୍ଦ୍ର ନାୟକ, ସରକାରୀ ପଲିଟେକନିକର ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଧର, ରମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ସେବା ଯୋଗାଇଲେ ବିଭିନ୍ନ ଅନୁଷ୍ଠାନ

ପୁରୀ ଅଫିସ, ୧୮।୨: ଶ୍ରୀଲୋକନାଥ ମନ୍ଦିରଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଛି। ଉର୍ଜାବାନ ଓଡ଼ିଶାର ସଦସ୍ୟା ସଦସ୍ୟମାନେ ଶ୍ରଦ୍ଧାଳୁଙ୍କ ଉପରେ ଜଳ ସିଞ୍ଚନ କରିବା ସହ ପ୍ରାୟ ୨୫ ହଜାର ଲୋକଙ୍କୁ ଦହି ଓ ଲେମ୍ବୁ ସର୍ବତ ବିତରଣ କରିଥିଲେ। ଭିକ୍ଷୁକମାନଙ୍କୁ ରନ୍ଧାଖାଦ୍ୟ ପରଷିଥିଲେ। ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ରଙ୍ଗଲତା ପଟ୍ଟନାୟକ, ପ୍ରଭାସ ରଥ, ଗିରିଜା ଶଙ୍କର ଦାଶ, ଦିଲ୍ଲୀପ ଚିନାରା, ଝଲ୍ଲିରାଣୀ ମିଶ୍ର, ଜଗନ୍ନାଥ ପଣ୍ଡା ପ୍ରମୁଖ ସାମିଲ ଥିଲେ। 'ଆପଣଙ୍କ ସେବାରେ' ଅନୁଷ୍ଠାନ ତରଫରୁ ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ମନ୍ଦିର ପ୍ରାଙ୍ଗଣ ଓ ଜାଗର ପଡ଼ିଆ ସଫେଇ, ଜଳବଣ୍ଟନ, ଜଳସିଞ୍ଚନ ଇତ୍ୟାଦି କରାଯାଇଥିଲା। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ, ଶୀତଳ ବାମ୍ଫ ବ୍ୟବସ୍ଥା ସହ ସ୍ପ୍ରିଙ୍ଗଲର ସାହାଯ୍ୟରେ ପାଣି ସିଞ୍ଚନ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ସିଂହ, ଶୁଭଶ୍ରୀ, ମୋନାଲିସା ଜେନା, ମନୀଷା ତ୍ରିପାଠୀ, ଅର୍ପିତା ରଥ ଅସିତ ମହାପାତ୍ର, ସୌମ୍ୟ ରଞ୍ଜନ ବାରିକ, ଅଭିଳାଷ ମିଶ୍ର, ଅମିୟ ରଞ୍ଜନ ଜେନା, ଓମ୍ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୁରୀ ଜି.ଏମ୍. ଆଇନ୍ କଲେଜ ଜାତୀୟ ସେବା ଶିବିର ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ମାନସ ଚନ୍ଦ୍ର ନାୟକ, ରୋଜାଲିନ ସାହୁ, ସୁଦିପ୍ ଜେନା, ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ, ସତ୍ୟ ରଞ୍ଜନ ସାହୁ, ପ୍ରଜ୍ଞା ପରିମିତା ମିଶ୍ର, ସାଗର ପାତ୍ର, ରୁଦ୍ର ନାରାୟଣ ପଟନାୟକ, କ୍ଷଣପ୍ରଭା ଷଡ଼ଙ୍ଗୀ, ସମ୍ମିତ୍ କୁମାର ପାତ୍ର, ଦେବଦତ୍ତ ସ୍ୱାଇଁ, ଅଭିଜିତ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# ବଡ଼ ଅଖଣ୍ଡ ଦୀପରେ ବିଶ୍ୱର ଶାନ୍ତି ମନାସିଲେ

ପୁରୀ ଅଫିସ, ୧୮।୨

ପବିତ୍ର ମହାଶିବରାତ୍ରି ଅବସରରେ ଶନିବାର ପୁରୀର ବିଭିନ୍ନ ଶୈବପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ନିଆରା ଢଙ୍ଗରେ ଜାଗର ପାଳନ କରିଛନ୍ତି। ସେମାନେ ବିଶ୍ୱ ଶାନ୍ତି ତଥା



ବୃହତ୍ ଅଖଣ୍ଡ ଦୀପ ପ୍ରଜ୍ଜଳନ କରାଯାଉଛି।

**ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ନିଆରା ଢଙ୍ଗରେ ଜାଗର ପାଳିଲେ**

ଦେଶବାସୀଙ୍କ ନିରୋଗ କାମନା କରି ସବୁଠୁ ବଡ଼ ଅଖଣ୍ଡ ଦୀପ ଜାଳିଛନ୍ତି। ଏହି ଦୀପର ଲମ୍ବ ୧୪ ଫୁଟ ଓ ପ୍ରସ୍ଥ ସାଢେ ୮ ଫୁଟ। ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ଏଭଳି ଅଖଣ୍ଡ ଦୀପ ଜାଳି ବାବା ମୁକୁନ୍ଦେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁକୁନ୍ଦ ମିଶ୍ର ନଗର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ସହ ସଦସ୍ୟମାନେ ଏହି ଦୀପ ପ୍ରଜ୍ୱଳନ କରିଥିଲେ। ପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ବିଧାୟକ ଷଡ଼ଙ୍ଗୀ ସାମିଲ ହୋଇ ମୃଦଙ୍ଗ ବାଦନ କରିଥିଲେ। ସନ୍ଧ୍ୟାରେ ବାସିନ୍ଦାମାନେ ଉଜାଗର ରହି ପ୍ରଭୁ ମୁକୁନ୍ଦେଶ୍ୱରଙ୍କ ପ୍ରାଙ୍ଗଣରେ ଦୀପ ଜାଳି ଓମ୍ ନମଃ ଶିବାୟ ଜପ କରି ଜାଗର ପାଳନ କରିଥିଲେ।

## ଲୋକନାଥ ଜାଗର ମଞ୍ଚରେ ବାଦୀପାଲା

କାକଟପୁର, ୧୮।୨

ମହାଶିବରାତ୍ରୀ ଅବସରରେ ଶନିବାରଠାରୁ କାକଟପୁର ବ୍ଲକ ବାଙ୍ଗୁରୀଗାଁ ପଞ୍ଚାୟତ ଅଧୀନ କଣିଆ ଗ୍ରାମର ଲୋକନାଥ ଜାଗର ମଞ୍ଚରେ ୫୨ତମ ଜିଲାସ୍ତରୀୟ ବାଦୀପାଲା ମହୋତ୍ସବ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଆଧୁନିକତାର ପ୍ରବେଶ ଓ ସୋସିଆଲ ମିଡ଼ିଆର ବହୁଳ ପ୍ରସାର ସତ୍ତ୍ୱେ ଉତ୍କଳୀୟ ସଂସ୍କୃତିର ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଗ୍ରାମବାସୀ ବାଦୀପାଲା ମହୋତ୍ସବ ଆୟୋଜନ କରିଆସୁଛନ୍ତି। ଚଳିତ ବର୍ଷ ନୟାଗଡ଼ ଜିଲା ଇଟାମାଟି ସାଲୁଣି ଗ୍ରାମର ଗାୟକ ପିୟୁଷ ବିଶ୍ୱନାଥ ସ୍ୱାଇଁ ଓ ଜଗତ୍‌ସିଂହପୁର ଜିଲା ସଭାମୂଳ ଗ୍ରାମର ଗାୟକ ଯୁବ ଶିରୋମଣି ସୁବାସ ଚନ୍ଦ୍ର ସେନାପତି ପାଲା ପରିବେଷଣ କରୁଛନ୍ତି। ଏହି ବାଦୀପାଲା ମହୋତ୍ସବରେ ବାଙ୍ଗୁରୀଗାଁ ଓ ଆଖପାଖ ଅଞ୍ଚଳର ପାଲାପ୍ରେମୀମାନେ ଯୋଗଦେବା ପାଇଁ ଜାଗର ମଞ୍ଚ ସଭାପତି ସନ୍ତୋଷ କୁମାର ନାୟକ ଏବଂ ବରିଷ୍ଠ ସଭ୍ୟ ଚିତ୍ରେସନ ନାୟକଙ୍କ ସମେତ ସଦସ୍ୟମାନେ ନିବେଦନ କରିଛନ୍ତି।

## ଦୀପ ନିଆଁ ଲାଗି ୨ ମହିଳା ଗୁରୁତର

ନିମାପଡ଼ା, ୧୮।୨ (ଡି.ଏନ୍.ଏ.)

ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱରର ଅମରେଶ୍ୱର ମହାଦେବଙ୍କ ପୀଠରେ ଜାଗର ଜାଳୁଥିବାବେଳେ ଏକ ଅଘଟଣ ଘଟିଛି। ଅସାବଧାନତା ବଶତଃ ଦୀପ ନିଆଁ ଲାଗି ୨ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଚାରିଛକ ଥାନା ଅନ୍ତର୍ଗତ ଜଳଛତ୍ର ଗ୍ରାମର କଲ୍ୟାଣି ନାୟକ(୪୦) ଓ ନିଆଳି ଥାନା ଅନ୍ତର୍ଗତ ବନଶିପୁର ଗ୍ରାମର ରୀନା ଭୋଇ(୩୫)। ଆହତ ମହିଳା ଦ୍ୱୟଙ୍କୁ ଚାରିଛକ ଥାନା ପୋଲିସ ଗାଡ଼ିରେ ପୋଲସ କର୍ମଚାରୀମାନେ ଆଣି ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରୀନାଙ୍କ ଶରୀରର ୮୦ ଭାଗ ପୋଡ଼ି ଯାଇଥିବାରୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ପିପିଲି ପାଇଁ ଗୌରବ ଆଣିଲେ ବବିତା



ତୋଷାଳି ମେଳାରେ ବବିତା ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ପିପିଲି,୧୮।୨ (ଡି.ଏନ୍.ଏ)

ରାଜ୍ୟ ସରକାରଙ୍କ ବୟନ ଓ ହସ୍ତତନ୍ତ ବିଭାଗ ପକ୍ଷରୁ ୨୦୨୧ ଆର୍ଥିକ ବର୍ଷ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ପିପିଲି ବ୍ଲକ ସୁନାମୁହିଁ ଗ୍ରାମର ବବିତା ପ୍ରଧାନ ତାଙ୍କ ପଟ୍ଟଚିତ୍ର କଳା ପାଇଁ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ତୋଷାଳି ମେଳାରେ ଏହି ପୁରସ୍କାର ପାଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ଏହି ସଫଳତାର ଶ୍ରେୟ ସେ ତାଙ୍କ ଶିକ୍ଷାଗୁରୁ ପୁଷ୍ପାଞ୍ଜଳି ରାଉତ ଓ ସ୍ୱାମୀ ବିଭୂତି ଭୂଷଣ ପ୍ରଧାନଙ୍କୁ ଦେଇଛନ୍ତି। ପୁରୀ ଜିଲା ଚନ୍ଦନପୁର ନିକଟବର୍ତ୍ତୀ ପତେଇପୁର ଗ୍ରାମର ସୁରେନ୍ଦ୍ର ବେହେରା ଓ ବିଦ୍ୟୁଲତା ବେହେରାଙ୍କ ଝିଅ ବବିତା ତାଙ୍କ ନିଖୁଣ ତୁଳୀର କଳାରେ ଶଙ୍ଖ ମଧ୍ୟରେ ରାଧାକୃଷ୍ଣଙ୍କୁ ଉପସ୍ଥାପନା କରି ଏହି ରାଜ୍ୟସ୍ତରୀୟ ସମ୍ମାନର ଅଧିକାରିଣୀ ହୋଇଛନ୍ତି। ପିପିଲି ସୁନାମୁହିଁ ଗ୍ରାମର ବିଭୂତିଙ୍କ ସହ ବିବାହ ପରେ ସ୍ୱାମୀ ଓ ଶଶୁର ଘର ପରିବାରର ପ୍ରେରଣାରେ ପୁଣି ଥରେ ସେ ଏହି କଳାକୁ ଆଗେଇ ନେଇଛନ୍ତି। ଆଜକୁ ୧୯ବର୍ଷ ଧରି ସେ ନିରନ୍ତର ଭାବେ ଏହି କଳାରେ ନିୟୋଜିତ ହୋଇ ରହିଛନ୍ତି। ଏହି ପଟ୍ଟଚିତ୍ର କଳାକୁ କଳା ମଧ୍ୟରେ ସୀମିତ ନ ରଖି ଏହାକୁ ଶାଢୀ, ଡ୍ରେସ୍, ଓ ବିଭିନ୍ନ ଘର ବ୍ୟବହାର ଜିନିଷର ପ୍ରସ୍ତୁତି କରୁଛନ୍ତି। ବବିତାଙ୍କ ନିଷ୍ଠାପର ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଥିବା ତାଙ୍କ ପରିବାର କହିଛି। ବବିତାଙ୍କ ଏହି ସଫଳତାରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଖୁସି ବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି।

# ଗାଦିବ୍ରହ୍ମ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଡେଲାଙ୍ଗ,୧୮।୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଡ. ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମୂଲ୍ୟବୋଧ ଓ ନୈତିକ ଶିକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତଥା ଯୁବ ରେଡକ୍ରସ ପରାମର୍ଶଦାତା ତ୍ରିନାଥ ପରିଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜ ଛକରେ ଏକ ତୋରଣ ଗେଟ୍ ନିର୍ମାଣ, କଲେଜ ଚତୁଃପାର୍ଶ୍ୱରେ ପ୍ରାଚୀର, ସାଇକେଲ ଷ୍ଟାଣ୍ଡ, ଖେଳପଡିଆ ବିକାଶ ପାଇଁ ବିଧାୟକଙ୍କ ସହଯୋଗ କାମନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ପ୍ରମୋଦିନୀ ମହାପାତ୍ର, ଭବାନୀପ୍ରିୟ ଦର୍ଶିନୀ ମହାନ୍ତି, କବିତା ମିଶ୍ର, ଲକ୍ଷ୍ମୀଧର ପାଇକରାୟ, ଯୁଧିଷ୍ଠିର ଘଡୁଆରି, ସୁବାସ ସେଠୀ, ଗ୍ରନ୍ଥାଗାରିକ ଦାଶରଥି ବଳବନ୍ତରାୟ, ସମ୍ରାଟକିଶୋର ଗିରି, ରମାକାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟ ଅତିଥିମାନେ।

## ଲୋକନାଥଙ୍କୁ ଲାଗିହେଲା କେତକୀ ଫୁଲ

ପୁରୀ ଅଫିସ, ୧୮।୨

ମହାଶିବରାତ୍ରିରେ ମହାଦେବଙ୍କୁ ତାଙ୍କ ପ୍ରିୟ କେତକୀ ଫୁଲ ଲାଗି ହୋଇଛି। କଥିତ ଅଛି, ମହାଦେବ ଅନ୍ୟ କୌଣସି ଦିନ ମସ୍ତକରେ କେତକୀ ଫୁଲ ଧାରଣ କରି ନ ଥାନ୍ତି। ବର୍ଷର କେବଳ ଏହି ଗୋଟିଏ ଦିନ କେତକୀ ଫୁଲ ମହାଦେବଙ୍କଙ୍କ ମସ୍ତକରେ ଶୋଭା ପାଇଥାଏ। ମହାଶିବରାତ୍ରିରେ ମହାଦେବଙ୍କୁ କେତକୀ ଫୁଲ ଅର୍ପଣ ଦ୍ୱାରା ଭକ୍ତର ଇଚ୍ଛା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ଆଧାର କରି ଅନେକ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ମସ୍ତକରେ କେତକୀ ଫୁଲ ସହ ବେଲପତ୍ର ଲାଗି କରିଥିଲେ।

# 'ପରମାତ୍ମା ଶିବ ସର୍ବଶକ୍ତିମାନ'

**ତ୍ରିମୂର୍ତ୍ତି ମହାଶିବ ଜୟନ୍ତୀ ଉତ୍ସବ**

ପୁରୀ ଅଫିସ, ୧୮।୨

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶନିବାର ରାମଚଣ୍ଡୀ ସାହିସ୍ଥିତ ତପସ୍ୟା ହଲ୍ ୮୭ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ନାଥ ମହାନ୍ତି ଯୋଗଦେଇ କହିଥିଲେ, ପରମପିତା ପରମାତ୍ମା ନିରାକାର ଶିବ ସର୍ବମାନ୍ୟ ସର୍ବଶକ୍ତିମାନ। ସବୁ ଧର୍ମରେ ତାଙ୍କ ନିରାକାର ଜ୍ୟୋତି ରୂପରେ ମାନ୍ୟତା ରହିଛି। ଅତି ଧର୍ମଗ୍ଲାନି ସମୟରେ ସେ ମାନବ ଶରୀରର ଅଧାର ନେଇ ତତ୍ତ୍ୱ ସହିତ ମନୁଷ୍ୟାତ୍ମାଙ୍କୁ ପାବନ ହେବାର ଦିବ୍ୟ କର୍ତ୍ତବ୍ୟ କରାଇଥାନ୍ତି, ଯାହା ବର୍ତ୍ତମାନ ସମୟର ସୂଚନା ଦିଏ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଥିଲେ, ପରମାତ୍ମା ଜ୍ୟୋତି ନିରାକାର କଲ୍ୟାଣକାରୀ, ଦୁଃଖ ଅଶାନ୍ତି ଓ ଭ୍ରାନ୍ତିପୂର୍ଣ୍ଣ ସଂସାରରେ ଶାନ୍ତି ସମାଜ ସ୍ଥାପନ କରିବା ପାଇଁ ପବିତ୍ର ଆତ୍ମା ଓ ପବିତ୍ର ସଂସ୍ଥା ଦ୍ୱାରା ସୃଷ୍ଟି ପରିବର୍ତ୍ତନ ଦିବ୍ୟ କର୍ତ୍ତବ୍ୟ କରାନ୍ତି। ଶାନ୍ତି ଓ ଭାଇଚାରା ସୃଷ୍ଟି କରିବାରେ ବ୍ରହ୍ମକୁମାରୀର ଅବଦାନ ଅତୁଳନୀୟ। ଅନ୍ୟତମ ଅତିଥି ଭାବେ ବଳିଆପଣ୍ଡାସ୍ଥିତ ଇଶୋପନ୍ଥୀ ଆଶ୍ରମ ନିର୍ଦ୍ଦେଶକ ଫାଦର ବାପିଷ୍ଟ ଡ. ସୁଜା ଏବଂ ଗୁରୁଦ୍ୱାର ଆରତି ସାହିବ ମୁଖ୍ୟଗ୍ରନ୍ଥି ବାବା ଶ୍ୟାମଶେର ସିଂହଜୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ତଥା ପୁରୀ ସବ୍‌ଜୋନ୍ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ନିରୁପମାଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ବ୍ରହ୍ମାକୁମାର ଡା. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାର ପୂର୍ଣ୍ଣଚନ୍ଦ୍ର ଧନ୍ୟବାଦ ଦେଇଥିଲେ।





ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ଲୋକାରଣ୍ୟ ଜାଗର ପଡ଼ିଆ

ପୁରୀ ଅଫିସ, ୧୮।୨

ଜାଗରରେ ବାବା ଲୋକନାଥଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଶୃଙ୍ଖଳିତ ଭାବେ କରିପାରିବେ, ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଦିନତମାମ ଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ମନ୍ଦିର ପରିସର ଜାଗର ପଡ଼ିଆ ମଧ୍ୟ ଲୋକାରଣ୍ୟରେ ଖେଳିଯାଇଥିଲା। ଲୋକମାନେ ବ୍ୟାରିକେଡ ମଧ୍ୟରେ ଯାଇ ଠାକୁରଙ୍କ ଦର୍ଶନ କରି ମନ୍ଦିରରୁ ପ୍ରସ୍ଥାନ କରିଥିଲେ।

### ୪୧ ଅଫିସର, ୧୫ପ୍ଲାଟୁନ ଫୋର୍ସ

ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨ଜଣ ଅତିରିକ୍ତ ଏସ୍‌ପିଙ୍କ ସମେତ ୫ଜଣ ଡିଏସ୍‌ପି, ୮୨ଜଣ ହୋମଗାର୍ଡ, ୭୨ଜଣ କନଷ୍ଟେବଳ, ୪୧ଜଣ ଅଫିସର ଏବଂ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲେ। ସେହିପରି ଯାତ୍ରୀଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ ପରିମଳ ବ୍ୟବସ୍ଥା, ଆଲୋକୀକରଣ, ଅଗ୍ନିଶମ ବ୍ୟବସ୍ଥା ଆଦି କରାଯାଇଥିଲା।

### ଚଣା ପାଇଁ ଦୋକାନରେ ଭିଡ଼

ଜାଗରରେ ମୁଖ୍ୟ ଆର୍କଷଣ ସାଜିଥାଏ ଜାଗର ଚଣା। ଜାଗର ସମୟରେ ଶ୍ରୀଲୋକନାଥ ପୀଠ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଚଣା ଦୋକାନ ବସିଥିବା ବେଳେ ଲୋକମାନେ ସେମାନଙ୍କ ନିକଟରୁ ଚଣା କିଣି ନେଉଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଚଣା ବ୍ୟବସାୟୀମାନେ ବେଶ୍ ଦୁଇ ପଇସା ରୋଜଗାର କରିଥିବା ଦେଖିବାକୁ ମିଳିଥିଲା।



ମେଳାରେ ଜଣେ ବ୍ୟବସାୟୀ ଚଣା ବିକ୍ରି କରୁଛନ୍ତି।

### ଦୀପ ଦାମ୍ ୧୦ରୁ ୧୦୦

ବିଶ୍ୱାସ ରହିଛି ମହାଶିବରାତ୍ରିରେ ଦୀପ ଜାଳି ଉଜାଗର ରହିଲେ ମନସ୍କାମନା ପୂରଣ ହୋଇଥାଏ। ତେଣୁ ବାବା ଲୋକନାଥଙ୍କ ପୀଠରେ ହଜାର ହଜାର ଦୀପ ଦୋକାନ ଖୋଲିଥିଲା। ଭକ୍ତମାନେ ଦିନ ଜାଳି ମନ୍ଦିର ଚାରିପାଖରେ ତଥା ଜାଗର ପଡ଼ିଆରେ ବସି ରହି ଦୀପ ଜାଳିଥିଲେ। ୧୦ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ ଦୀପର ଦାମ ରହିଥିଲା।

